# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. Surama Samuel

Vol. XXIV YEAR OF OUR LORD JESUS CHRIST, MARCH 2022 No.1


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୯୭:୧–୯)

୧ ସଦାପ୍ରଭୁ ରାଜ୍ୟ କରନ୍ତି; ପୃଥିବୀ ଉଲ୍ଲାସ କରୁ; ଦ୍ୱୀପସମୂହ ଆନନ୍ଦିତ ହେଉନ୍ତୁ ।

୨ ମେଘମାଳ ଓ ଅନ୍ଧକାର ତାହାଙ୍କ ଚତୁର୍ଦ୍ଦିଗରେ ଥାଏ; ଧର୍ମ ଓ ବିଚାର ତାହାଙ୍କ ସିଂହାସନର ଭିତ୍ତିମୂଳ ।

୩ ତାହାଙ୍କ ସମ୍ମୁଖରେ ଅଗ୍ନି ଗମନ କରେ ଓ ତାହାଙ୍କ ଚତୁର୍ଦ୍ଦିଗସ୍ଥ ଶତ୍ରୁଗଣଙ୍କୁ ଦଗ୍ଧ କରେ ।

୪ ତାହାଙ୍କ ବିଜୁଳି ଜଗତକୁ ଦୀପ୍ତିମାନ କଲା; ପୃଥିବୀ ଦେଖି କମ୍ପିଲା ।

୫ ପର୍ବତଗଣ ସଦାପ୍ରଭୁଙ୍କ ଛାମୁରେ ମହମ ପରି ତରଳି ଗଲେ, ସମୁଦାୟ ପୃଥିବୀ ପ୍ରଭୁଙ୍କ ଛାମୁରେ ତରଳି ଗଲେ ।

୬ ଆକାଶମଣ୍ଡଳ ତାହାଙ୍କ ଧର୍ମ ପ୍ରଚାର କରଇ ଓ ସମୁଦାୟ ଗୋଷ୍ଠୀ ତାହାଙ୍କ ମହିମା ଦେଖିଅଛନ୍ତି ।

୭ ଖୋଦିତ ପ୍ରତିମାଗଣର ସେବକସମସ୍ତେ ଓ ଦେବତାଗଣର ଦର୍ପକାରୀସମସ୍ତେ ଲଜ୍ଜିତ ହେଉନ୍ତୁ; ହେ ଦେବସବୁ, ତୁମ୍ଭେମାନେ ତାହାଙ୍କୁ ପ୍ରଣାମ କର ।

୮ ହେ ସଦାପ୍ରଭୋ, ତୁମ୍ଭ ଶାସନ ବିଷୟ ସିୟୋନ ଶୁଣି ଆନନ୍ଦିତ ହେଲା ଓ ଯିହୁଦାର କନ୍ୟାଗଣ ଉଲ୍ଲସିତ ହେଲେ ।

୯ କାରଣ ହେ ସଦାପ୍ରଭୋ, ତୁମ୍ଭେ ସମୁଦାୟ ପୃଥିବୀରେ ସର୍ବୋପରିସ୍ଥ; ତୁମ୍ଭେ ସକଳ ଦେବ ଉପରେ ଅତିଶୟ ଉନ୍ନତ ।

## ଦ୍ରାକ୍ଷା, ଡିମ୍ବିରି ଓ ଜୀତ

(The Vine, the Figand the Olive !)

(ଭାଇ ଏମ୍. ପଲ୍‌ରାଜ୍)



ଏହି ତିନୋଟି ଉଦ୍ଭିଦ ଇସ୍ରାଏଲୀୟମାନଙ୍କ ଜୀବନରେ ଏପରି ଜଡ଼ିତ ହୋଇଛନ୍ତି ଯେପରି ଧାନ, ନଡ଼ିଆ ଓ କଦଳୀ ତାମିଲନାଡୁର ଲୋକମାନଙ୍କ ଜୀବନରେ ଜଡ଼ିତ ଅଛନ୍ତି । ଇସ୍ରାଏଲର ଏକ ପର୍ବତ ଓ ଉପତ୍ୟକାର ଦେଶ ଅଟେ ଓ ଏହା ଆକାଶର ବୃଷ୍ଟିରୁ ଜଳପାନ କରେ । ମାତ୍ର ସେହି ମିଶର ଦେଶ ସେହିପରି ନୁହେଁ ଯେଉଁଠାରେ ଇସ୍ରାଏଲୀୟମାନେ ଦାସ ଭାବରେ ୪୩୦ ବର୍ଷ କାଟିଥିଲେ । ମିଶରରେ, ଇସ୍ରାଏଲୀୟମାନେ ସେମାନଙ୍କ ବିହନ ବୁଣୁଥିଲେ ଓ ପରିବା ଚାଷରେ ଯେପରି ଜଳ ଦିଆଯା, ସେହିପରି ନିଜ ନିଜ ଚାଷ ଜମିରେ ଜଳ ଦେଉଥିଲେ । ସେହି ମିଶର ଦେଶ ନୀଳ ନଦୀ ଦ୍ୱାରା ପରିତୃପ୍ତ ହେଉଥିଲା (ଦ୍ୱିତୀୟ ବିବରଣ ୧୧:୧୦,୧୧) ।

ଉପରୋକ୍ତ ତିନୋଟି ଉଦ୍ଭିଦ ଇସ୍ରାଏଲର ମୁଖ୍ୟ ଉଦ୍ଭିଦ ଅଟନ୍ତି । ଏହା ହବକ୍‌କୂକ ପୁସ୍ତକରେ ପ୍ରମାଣିତ ହୋଇଅଛି । ସେଠାରେ ଭାବବାଦୀ ଘୋଷଣା କରିଛନ୍ତି, ''କାରଣ ଯଦ୍ୟପି ଡିମ୍ବିରି ବୃକ୍ଷ ପୁଷ୍ପିତ ନୋହିବ, କିଅବା ଦ୍ରାକ୍ଷାଲତାରେ ଫଳ ନ ଧରିବ, ଜୀତବୃକ୍ଷ ଫଳ ନ ଫଳିବ ... ତଥାପି ମୁଁ ସଦାପ୍ରଭୁଙ୍କ ଠାରେ ଆନନ୍ଦ କରିବି । ମୁଁ ଆପଣା ତ୍ରାଣର ପରମେଶ୍ୱରଙ୍କଠାରେ ଉଲ୍ଲାସ କରିବି'' (ହବକ୍‌କୂକ ୩:୧୭,୧୮) । ତାଙ୍କର ଘୋଷଣା ଏହା ଥିଲା ଯେ ଦ୍ରାକ୍ଷା, ଡିମ୍ବିରି ଓ ଜୀତ ଭଳି ଯେଉଁ ସମସ୍ତ ବିଷୟ ଦେଶର ଜୀବନ ଓ ଅର୍ଥନୀତିକୁ ବଞ୍ଚାଇ ରଖିଛି, ସେଗୁଡ଼ିକ ଯଦି ବିଫଳ ହେବେ, ତଥାପି ସୁଦ୍ଧା ସେ ସଦାପ୍ରଭୁଙ୍କଠାରେ ଆନନ୍ଦ କରିବେ । ଏହି ତିନୋଟି ବୃକ୍ଷ ଓ ଉଦ୍ଭିଦ ଇସ୍ରାଏଲରେ ଜୀବନକୁ ବଞ୍ଚାଇ ରଖନ୍ତି ।

ଯୀଶୁ ଖ୍ରୀଷ୍ଟ ନିଜ ସେବାକାର୍ଯ୍ୟ ସମୟରେ, ନିଜର ଉପଦେଶଗୁଡ଼ିକରେ, ପ୍ରାୟତଃ, ଏହି ତିନୋଟି ଉଦ୍ଭିଦକୁ ଉଲ୍ଲେଖ କରିଛନ୍ତି । ଯୀଶୁ କହିଥିଲେ, ''ମୁଁ ଦ୍ରାକ୍ଷାଲତା ଓ ତୁମ୍ଭେମାନେ ଶାଖା । ଯେ ମୋ'ଠାରେ ରହେ ଓ ମୁଁ ଯାହାଠାରେ ରହେ, ସେ ପ୍ରଚୁର ଫଳ ଫଳେ, କାରଣ ମୋ' ବିନା ତୁମ୍ଭେମାନେ କିଛି କରିପାର ନାହିଁ'' (ଯୋହନ ୧୫:୫) । ଦ୍ରାକ୍ଷାରସ ଇସ୍ରାଏଲୀୟ ବିବାହ ଉତ୍ସବରେ ଏକ ମୁଖ୍ୟ ପାନୀୟ ଥିଲା । ଏହାର ଦୃଷ୍ଟାନ୍ତ ଆମେ କାନ୍ନାରେ ଅନୁଷ୍ଠିତ ବିବାହ ଭୋଜରେ ଦେଖୁ, ଯେଉଁ ସ୍ଥାନକୁ ଯୀଶୁଙ୍କ ମାତା, ଯୀଶୁ ଓ ତାଙ୍କ ଶିଷ୍ୟମାନେ ନିମନ୍ତ୍ରିତ ହୋଇଥିଲେ (ଯୋହନ ୨:୧,୨) । ମାଥିଉ ୨୪:୩୨ରେ ଯୀଶୁ ପଲ୍ଲବିତ ଡିମ୍ବିରି ବୃକ୍ଷକୁ ଉଲ୍ଲେଖ କରିଥିଲେ ଯାହା ଗ୍ରୀଷ୍ମଋତୁ ସନ୍ନିକଟ ହେବାର ଏକ ଚିହ୍ନ ଥିଲା । ଯେତେବେଳେ ନୋହ ଦ୍ୱିତୀୟଥର ପାଇଁ କପୋତକୁ ବାହାରକୁ ପଠାଇଲେ, ସେତେବେଳେ ପକ୍ଷୀଟି ନିଜ ଥଣ୍ଟରେ ସତେଜ ଜୀତ ବୃକ୍ଷର ପତ୍ରଟିଏ ଆଣିଥିଲା ଓ ତାହା ଏହି ବିଷୟକୁ ସୂଚିତ କରୁଥିଲା ଯେ ପୃଥିବୀରେ ଜମି ରହିଥିବା ବନ୍ୟା ଜଳ ଧୀରେ ଧୀରେ ଶୁଖିବାରେ ଲାଗିଥିଲା (ଆଦି ୮:୧୧) । ରାତ୍ରି ଭୋଜ ଗ୍ରହଣ କରିବା ପରେ ଯୀଶୁ ଓ ତାଙ୍କର

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

# ECHO OF HIS CALL - (1969-2019 GOLDEN JUBILEE YEAR)

(ECHO GROUP)



## ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



### ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।


**CHIEF EDITOR**
Angeline Selvakumari Henry, M.A., M.Ed.

**MANAGING EDITOR**
Pastor Alex Samson Sam, B.Th., M.Div.

**ADMINISTRATION**
Bro. N. Prakasam, M.A., General Manager

**EDITORIAL BOARD**
Sis. Jesy Veena Sam
Bro. M. Paulraj, M.A., B.Ed.
Sis. Serena Bevin, M.A., M.Phil., B.Ed.



**EDITOR, PUBLISHER & PRINTER**
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 95661 31858

**E.mail ID**
sam@echoofhiscall.org
biblecor@yahoo.co.in

**WEBSITES**
www.echoofhiscall.org
www.stpaulsmatriculation.com

**YOUTUBE CHANNEL**
Echo of His Call


"...ପୁଣି, ଆମ୍ଭେ ତୁମ୍ଭକୁ ପୃଥିବୀର ଉଚ୍ଚସ୍ଥଳୀମାନରେ ଆରୋହଣ କରାଇବା; ଆଉ, ତୁମ୍ଭ ପିତା ଯାକୁବର ଅଧିକାର ତୁମ୍ଭକୁ ଭୋଗ କରାଇବା, କାରଣ ସଦାପ୍ରଭୁଙ୍କର ମୁଖ ଏହା କହିଅଛି" (ଯିଶାଇୟ ୫୮:୧୪) ।

**ଖ୍ରୀଷ୍ଟରେ ପ୍ରିୟ ବନ୍ଧୁଗଣ,**

ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ଅତୁଳନୀୟ ନାମରେ ପ୍ରେମ ଭରା ଅଭିନନ୍ଦନ !

ଆପଣ ଓ ଆପଣମାନଙ୍କର ପ୍ରିୟଜନମାନେ ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା କୁଶଳରେ ଅଛନ୍ତି ବୋଲି ମୁଁ ଆଶା କରୁଅଛି । ମୁଁ ଓ ମୋର ସହକର୍ମୀମାନେ ପ୍ରତିଦିନ ଅନୁଗ୍ରହ ସିଂହାସନ ସମ୍ମୁଖରେ ଆପଣମାନଙ୍କୁ ଓ ଆପଣମାନଙ୍କର ଆବଶ୍ୟକତାଗୁଡ଼ିକୁ ଟେକି ଧରୁଅଛୁ । ଆମେ ଜାଣୁ ଯେ ସମଗ୍ର ପୃଥିବୀରେ ମହା ବିପର୍ଯ୍ୟୟ ଘଟୁଥିବାରୁ ଆପଣମାନେ ଈଶ୍ୱରଙ୍କ ଗୋଟିଏ ସ୍ୱତନ୍ତ୍ର ସୁରକ୍ଷା ଆବଶ୍ୟକ କରୁଛନ୍ତି । ସମଗ୍ର ଦେଶଗୁଡ଼ିକର ଲୋକମାନେ ମହା ଭୟ ଅଧୀନରେ ରହୁଛନ୍ତି ।

ଆମେ ପ୍ରତିଦିନ ଅନେକ ଭାଇ ଭଉଣୀଙ୍କଠାରୁ ପ୍ରାର୍ଥନା ଅନୁରୋଧ ପାଉଅଛୁ । ଆମେ ପୋଷ୍ଟ କାର୍ଡ, ଫୋନ କଲ, ପତ୍ର, ଇ-ମେଲ୍ ଇତ୍ୟାଦି ମାଧ୍ୟମରେ ପାଉଥିବା ଯେ କୌଣସି ପ୍ରାର୍ଥନା ଅନୁରୋଧକୁ ଅବହେଳା ନ କରି ସେମାନଙ୍କ ପାଇଁ ପ୍ରାର୍ଥନା କରୁଅଛୁ । ଈଶ୍ୱର ବାସ୍ତବରେ ଆପଣଙ୍କ ଭଳି ସମସ୍ତ ଭାଇ ଓ ଭଉଣୀଙ୍କ ଜୀବନରେ କାର୍ଯ୍ୟ କରୁଛନ୍ତି ।

ସାଧାରଣ ଭୟ ଓ ସମଗ୍ର ପୃଥିବୀରେ ଭୂତାଣୁ ଜନିତ ଜ୍ୱର ଯୋଗୁ, ଈଶ୍ୱରଙ୍କ ବହୁସଂଖ୍ୟକ ସେବକ ଓ ବିଶ୍ୱାସୀଙ୍କର ଆତ୍ମିକ ବେଗ ହ୍ରାସ ପାଇଅଛି । ଆପଣ ସେମାନଙ୍କ ମଧ୍ୟରୁ ଜଣେ ଅଟନ୍ତି କି ?

ଏହା ଉତ୍ତମ ନୁହେଁ । ଆପଣ ବିଗତ ଦିନଗୁଡ଼ିକରେ ପ୍ରାର୍ଥନା ମାଧ୍ୟମରେ ପାଇଥିବା ଚମତ୍କାର ବିଷୟଗୁଡ଼ିକ ସମ୍ବନ୍ଧରେ ଚିନ୍ତା କରିବା ଉଚିତ । ଆପଣ ହୁଏତ ଆପଣଙ୍କର ପ୍ରାର୍ଥନା ବିହୀନ ଜୀବନ, ମଣ୍ଡଳୀ ଓ ପାଳକଙ୍କ ପ୍ରତି ଅବହେଳା, ଦଶମାଂଶ ଓ ଦାନ ଦେବାରେ ଅବହେଳା ମାଧ୍ୟମରେ ଆପଣଙ୍କର ସୁରକ୍ଷାଦାତା ଯୀଶୁ ଖ୍ରୀଷ୍ଟଙ୍କୁ ଦୁଃଖିତ କରିଛନ୍ତି କିମ୍ବା ତାଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି । ବର୍ତ୍ତମାନ ସଦାପ୍ରଭୁ ପରମେଶ୍ୱର ଆପଣଙ୍କ ପରିସ୍ଥିତିରୁ ଉଠିବା ପାଇଁ ଓ ଏହି ବାର୍ତ୍ତା ମଧ୍ୟ ଦେଇ ଅଗ୍ରସର ହେବା ପାଇଁ ଆପଣଙ୍କର ଆତ୍ମାକୁ ଜାଗ୍ରତ କରୁଛନ୍ତି ।

ଦୟାକରି ଏକ କୃତଜ୍ଞ ହୃଦୟର ସହିତ ଆପଣଙ୍କର ଆତ୍ମିକ କାର୍ଯ୍ୟକଳାପକୁ ପୁନର୍ବାର ଆରମ୍ଭ କରନ୍ତୁ କାରଣ ଈଶ୍ୱର ଏହି ଜଗତର ବିପଦ ମଧ୍ୟରୁ ଆପଣଙ୍କ ଜୀବନକୁ ବଞ୍ଚାଇ ରଖିଛନ୍ତି । ସେ ନିଶ୍ଚୟ ଆପଣଙ୍କ ସମସ୍ତ ଆବଶ୍ୟକତା ପୂରଣ କରିବେ । ସେ ଆଗାମୀ ଦିନଗୁଡ଼ିକରେ ଗୋଟିଏ ଫଳପୂର୍ଣ୍ଣ ଜୀବନ କାଟିବାରେ ଆପଣଙ୍କୁ ଚାଳନା ଦେବେ । ଆମେ ଆମ ପ୍ରାର୍ଥନା ମାଧ୍ୟମରେ ଆପଣଙ୍କୁ ଉତ୍ସାହିତ କରୁଅଛୁ ।

ପ୍ରଭୁ ଯୀଶୁ ନିଜ ଦ୍ୱିତୀୟ ଆଗମନ ସମୟରେ ଅତିଶୀଘ୍ର ଜଗତର ବିଚାର କରିବାକୁ ଆସୁଛନ୍ତି ବୋଲି ପୃଥିବୀର ଘଟଣାଗୁଡ଼ିକ ଆମକୁ ସ୍ମରଣ କରାଇ ଦେଉଛନ୍ତି । ଆମ ପ୍ରତ୍ୟେକଙ୍କୁ ବିଚାର ନିମନ୍ତେ ଈଶ୍ୱରଙ୍କ ସମ୍ମୁଖରେ ଠିଆ ହେବାକୁ ପଡ଼ିବ । ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପାଇଁ ଏକ ବିଶ୍ୱସ୍ତ ଜୀବନ କାଟିବା ନିମନ୍ତେ ନିଜ ଜୀବନକୁ ସମର୍ପଣ କରନ୍ତୁ । ଉତ୍ତମ ଈଶ୍ୱର ଆପଣମାନଙ୍କୁ ଆବଶ୍ୟକୀୟ ଅନୁଗ୍ରହ ପ୍ରଦାନ କରନ୍ତୁ ।

ଦୟାକରି ପ୍ରାର୍ଥନା କରିବା ଓ "ଆହ୍ୱାନର ପ୍ରତିଧ୍ୱନି"କୁ ସହାୟତା ଦେବା ଅବ୍ୟାହତ ରଖନ୍ତୁ । ପ୍ରକୃତରେ, ଆପଣମାନଙ୍କ ପ୍ରାର୍ଥନା ଓ ଅର୍ଥ ସହାୟତା ପାଇଁ ଏହା ଅତି ଆବଶ୍ୟକୀୟ ଓ ଯଥାର୍ଥ ସମୟ ଅଟେ । ଆମେ ଆମର ପ୍ରିୟ ସହକର୍ମୀ ଭାଇ, ଏମ୍. ପଲ୍‌ରାଜ୍ ଓ ପାଳକ ଏମ୍.ମୁଥୁଙ୍କର ଶୀଘ୍ର ଆରୋଗ୍ୟ ପାଇଁ ଆପଣମାନଙ୍କର ସ୍ୱତନ୍ତ୍ର ପ୍ରାର୍ଥନା ଚାହୁଁଅଛୁ ।


**Our Ministries:** ECHO OF HIS CALL Monthly Magazines (16 languages) · BIBLECOR - Postal Courses (3 languages) · Online Courses · Theological Correspondence Courses (2 languages) · Church Planting · Nehemiah Bible Colleges · Gospel Printing Press · Great Commission Partners · St. Paul's Matriculation School · Crusades · Community Development

*ବର୍ତ୍ତମାନ ସମୟରେ ଆମର ମଣ୍ଡଳୀଗୁଡ଼ିକ, ସ୍କୁଲ, ଆବାସିକ ବାଇବଲ କଲେଜ ଏପର୍ଯ୍ୟନ୍ତ କାର୍ଯ୍ୟ କରିବା ଆରମ୍ଭ କରି ନାହାନ୍ତି । ଦୟାକରି ପୃଥିବୀର ଦେଶଗୁଡ଼ିକ ମଧ୍ୟରୁ ଭୂତାଣୁ ଜନିତ ଜ୍ୱରର ଦୂରୀକରଣ ଓ ଲୋକମାନଙ୍କର ସୁସ୍ଥତା ପାଇଁ ପ୍ରାର୍ଥନା କରନ୍ତୁ ।*

*ଯଦି ଆପଣମାନଙ୍କୁ ସମୟ ମିଳିବ, ତେବେ ଆମଠାରୁ ନୂତନ ସମ୍ବାଦ ସବୁ ଜାଣିବା ପାଇଁ ଆହ୍ୱାନର ପ୍ରତିଧ୍ୱନି ୟୁଟ୍ୟୁବ ଚ୍ୟାନେଲ୍ (Echo of His Call you Tube channel) ଦେଖିବେ । ଆମେ ଆପଣମାନଙ୍କୁ ଅତ୍ୟଧିକ ପ୍ରେମ କରୁ ଓ ଆପଣମାନଙ୍କର ମଙ୍ଗଳ ପାଇଁ ଆଗ୍ରହୀ ଅଟୁ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।*

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

**ପାଳକ ଏସ୍. ସାମ୍ ସେଲ୍ଭାରାଜ୍ ଓ ଆଲେକ୍ସ ସାମସନ୍ ସାମ୍**

**(+91) 98412 71858 / 98410 71858**
**E.mail : samselvaraj333@gmail.com**

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ଶିଷ୍ୟମାନେ ଗୋଟିଏ ସ୍ତବଗାନ କରିଥିଲେ ଓ ଜୀତ ପର୍ବତକୁ ଚାଲି ଯାଇଥିଲେ (ମାର୍କ ୧୪:୨୬) । ସେଥିପାଇଁ ଦ୍ରାକ୍ଷା, ଡିମ୍ବିରି ଓ ଜୀତ ଇସ୍ରାଏଲୀୟମାନଙ୍କ ଜୀବନରେ ଅବିଚ୍ଛେଦ୍ୟ ଅଂଶ ଅଟେ ।

## ଦ୍ରାକ୍ଷା

"ତୁମ୍ଭେ ମିଶରରୁ ଗୋଟିଏ ଦ୍ରାକ୍ଷାଲତା ଆଣିଲ । ତୁମ୍ଭେ ଗୋଷ୍ଠୀୟମାନଙ୍କୁ ତଡ଼ି ଦେଇ ତାହା ରୋପଣ କଲ । ତୁମ୍ଭେ ତାହା ସମ୍ମୁଖରେ ସ୍ଥାନ ପ୍ରସ୍ତୁତ କଲ, ତହିଁରେ ତାହା ବଦ୍ଧମୂଳ ହୋଇ ଦେଶଯାକ ବ୍ୟାପିଗଲା । ତାହାର ଛାୟାରେ ପର୍ବତଗଣ ଆବୃତ ହେଲେ ଓ ତାହାର ଶାଖାସବୁ ପରମେଶ୍ୱରଙ୍କ ଏରସ ବୃକ୍ଷ ତୁଲ୍ୟ ହେଲେ । ତାହା ସମୁଦ୍ର ପର୍ଯ୍ୟନ୍ତ ଆପଣା ଶାଖା ଓ ନଦୀ ପର୍ଯ୍ୟନ୍ତ ଆପଣା ପଲ୍ଲବ ବିସ୍ତାର କଲା । କାହିଁକି ତୁମ୍ଭେ ତାହାର ବେଢ଼ା ଭାଙ୍ଗି ପକାଇଅଛ ଯେ, **ପଥିକ ସବୁ ତାହା ଛିଣ୍ଡାଇ ପକାଉ ଅଛନ୍ତି । ବନରୁ ବରାହ ଆସି ତାହା ଉଜାଡ଼ି ପକାଏ ଓ ବିଲର ପଶୁଗଣ ତାହା ଖାଇଯାନ୍ତି । ହେ ସୈନ୍ୟାଧିପତି ପରମେଶ୍ୱର, ଆମ୍ଭେମାନେ ବିନୟ କରୁଅଛୁ, ଫେର, ସ୍ୱର୍ଗରୁ ନିରୀକ୍ଷଣ କର ଓ ଦୃଷ୍ଟିପାତ କରି ଏହି ଦ୍ରାକ୍ଷାଲତାର ଓ ତୁମ୍ଭ ଦକ୍ଷିଣ ହସ୍ତ ଦ୍ୱାରା ସ୍ଥାପିତ ଗଣ୍ଡିର ଓ ଆପଣା ନିମନ୍ତେ ତୁମ୍ଭ ସବଳୀକୃତ ଶାଖାର ତତ୍ତ୍ୱ ନିଅ"** (ଗୀତ ୮୦:୮–୧୫) ।

ଏଠାରେ ସଦାପ୍ରଭୁ ମିଶରରୁ ଗୋଟିଏ ଦ୍ରାକ୍ଷାଲତା ଆଣିଥିଲେ, ଜାତିସମୂହକୁ ବିତାଡ଼ିତ କରିଥିଲେ ଓ କିଣାନରେ ରୋପଣ କରିଥିଲେ । ଏହା ଉତ୍ତମ ଫଳ ଦେବ ବୋଲି ସଦାପ୍ରଭୁ ଆଶା କରିଥିଲେ । ମାତ୍ର, ଏହା ଖଟା ଫଳ ଉତ୍ପନ୍ନ କରିଥିଲା । ଏହାର ଚେର ଗଭୀରକୁ ଯାଇ ସମଗ୍ର ଦେଶକୁ ପରିପୂର୍ଣ୍ଣ କରିଥିଲା । ଏହାର ପ୍ରଭାବ ଜାତିସମୂହ ଉପରେ ବ୍ୟାପ୍ତ ହୋଇଥିଲା ଓ ଏହା ସର୍ବୋଚ୍ଚରେ ରହି ରାଜତ୍ୱ କରିଥିଲା । ସେଥିପାଇଁ, ସଦାପ୍ରଭୁ ଏହାର ବାଡ଼ ଭାଙ୍ଗି ପକାଇଥିଲେ ଓ ସେହି ବାଟ ଦେଇ ଯାଉଥିବା ଲୋକମାନେ ସେମାନଙ୍କ ଇଚ୍ଛାନୁସାରେ ଫଳ ଛିଣ୍ଡାଇ ଖାଉଥିଲେ । ଭାଲୁ ଓ ବନ୍ୟ ପଶୁମାନେ ଏହାକୁ ଖୋଳି ପକାଇଥିଲେ କାରଣ ସଦାପ୍ରଭୁ ଏହା ବାଡ଼ ଭାଙ୍ଗି ଦେଇଥିଲେ । ଭାବବାଦୀ ଆସାଫ ଭଗ୍ନ ବାଡ଼ଗୁଡ଼ିକୁ ଦେଖିବା ପାଇଁ ଓ ଏହା ମଧ୍ୟକୁ ଆସିବା ପାଇଁ ସଦାପ୍ରଭୁଙ୍କ ନିକଟରେ ନିବେଦନ କରିଥିଲେ ।

ସଦାପ୍ରଭୁଙ୍କର ଦ୍ରାକ୍ଷାକ୍ଷେତ୍ର ହେଉଛି, ଇସ୍ରାଏଲ ବଂଶ (ଯିଶାଇୟ ୫:୭) । ସଦାପ୍ରଭୁ ସେହି ମିଶର ଦେଶରୁ ନିଜର ମନୋନୀତ ଲୋକମାନଙ୍କୁ ଆଣିଥିଲେ ଯେଉଁଠାରେ ସେମାନେ ଦାସତ୍ୱ ଅଧୀନରେ ରହିଥିଲେ । ସେ ମୋଶାଙ୍କ ନେତୃତ୍ୱ ମାଧ୍ୟମରେ କିଣାନୀୟମାନଙ୍କୁ ବିତାଡ଼ିତ କରି ତାଙ୍କର ଲୋକମାନଙ୍କୁ ସେଠାରେ ସ୍ଥାୟୀ ଭାବରେ ରଖିଥିଲେ । ସେମାନେ କିଣାନ ଦେଶରେ ବହୁଗୁଣିତ ହୋଇଥିଲେ ଓ ଦାଉଦଙ୍କ ନେତୃତ୍ୱାଧୀନରେ ଏକ ଶକ୍ତିଶାଳୀ ଜାତିରେ ପରିଣତ ହୋଇଥିଲେ । ସେ ନିଜର ଶତ୍ରୁମାନଙ୍କୁ ପରାସ୍ତ କରି ସେମାନଙ୍କଠାରୁ କର ଆଦାୟ କରୁଥିଲେ । ଇସ୍ରାଏଲର ନାମ ସର୍ବତ୍ର ବ୍ୟାପି ଯାଇଥିଲା ଓ ଜାତିସମୂହ ମଧ୍ୟରେ ଏହା ଗୋଟିଏ ନେତାରେ ପରିଣତ ହୋଇଥିଲା । ମାତ୍ର ରାଜା ଶଲୋମନ ବିଦେଶିନୀ ସ୍ତ୍ରୀମାନଙ୍କୁ ବିବାହ କରି ସେମାନଙ୍କ ଦେବତାମାନଙ୍କର ଅନୁଗାମୀ ହୋଇଥିବାରୁ ତାଙ୍କ ରାଜତ୍ୱ କାଳରେ ଦେଶର ପତନ ଆରମ୍ଭ ହୋଇଥିଲା । ତାଙ୍କ ପୁତ୍ର ରିହବିୟାମଙ୍କ ରାଜତ୍ୱ ସମୟରେ ଦେଶ ଦୁଇ ଭାଗ, ଯଥା ଇସ୍ରାଏଲ ଓ ଯିହୁଦା ଭାବରେ ବିଭକ୍ତ ହୋଇଥିଲା ।

ଇସ୍ରାଏଲର ଲୋକମାନେ ଶମରିୟାକୁ ଓ ଯିହୁଦାର ଲୋକମାନେ ଯିରୁଶାଲମକୁ ସେମାନଙ୍କ ରାଜଧାନୀ କରିଥିଲେ । ଇସ୍ରାଏଲର ପ୍ରଥମ ରାଜା ଯାରବିୟାମ ଦୁଇଟି ସୁବର୍ଣ୍ଣ ବାଛୁରୀ ନିର୍ମାଣ କରି ଗୋଟିଏକୁ ଦାନ୍‌ରେ ଓ ଅନ୍ୟଟିକୁ ବେର୍‌ଶେବାରେ ସ୍ଥାପନ କରିଥିଲେ । ସେମାନଙ୍କର ଏହି ଦେବତାମାନେ ସେମାନଙ୍କୁ ମିଶରରୁ ଆଣିଥିଲେ ବୋଲି ସେ କହିଥିଲେ ଓ ଏହିପରି ଭାବରେ ସେହି ସୈନ୍ୟାଧିପତି ସଦାପ୍ରଭୁଙ୍କୁ ଅଗ୍ରାହ୍ୟ କରିଥିଲେ ଯିଏ ସେମାନଙ୍କୁ ଫାରୋଙ୍କ ହସ୍ତରୁ ଉଦ୍ଧାର କରିଥିଲେ । ଯଦିଓ ସେମାନେ ସଦାପ୍ରଭୁଙ୍କର ମନୋନୀତ ବ୍ୟକ୍ତି ମୋଶା ଓ ଯିହୋଶୂୟଙ୍କ ନେତୃତ୍ୱରେ ଅଗ୍ରସର ହେଉଥିଲେ, ତଥାପି ସଦାପ୍ରଭୁ ହିଁ ପ୍ରକୃତରେ ସେମାନଙ୍କର ନେତୃତ୍ୱ ନେଇ ରାଜାମାନଙ୍କୁ ବିତାଡ଼ିତ କରିଥିଲେ ଓ ସେମାନଙ୍କୁ ପ୍ରତିଜ୍ଞାତ ଦେଶ କିଣାନରେ ସ୍ଥାପନ କରିଥିଲେ । ସମୟକ୍ରମେ, ସେମାନେ ସର୍ବଶକ୍ତିମାନ ପରମେଶ୍ୱରଙ୍କୁ ଅଗ୍ରାହ୍ୟ କରି ଅନ୍ୟ ଦେଶୀୟ ଦେବତାମାନଙ୍କୁ ଗ୍ରହଣ କରିଥିଲେ । ସେମାନେ ପ୍ରାୟ ପ୍ରତ୍ୟେକ ବୃକ୍ଷ ତଳେ ଦେବତାମାନଙ୍କୁ ସ୍ଥାପନ କରି ସେମାନଙ୍କୁ ପୂଜା କରୁଥିଲେ । ଏହି ବିଶ୍ୱାସଘାତକତାରେ, ଇସ୍ରାଏଲ ଯିହୁଦାର ଆଗରେ ଥିଲା । ସଦାପ୍ରଭୁ ନିଜ କ୍ରୋଧରେ ସେମାନଙ୍କୁ ବିଦେଶୀ ରାଜାମାନଙ୍କ ନିକଟରେ ବିକ୍ରୟ କରିଥିଲେ ! ଖ୍ରୀ:ପୂ: ୭୨୨ରେ, ଇସ୍ରାଏଲୀୟମାନେ ଅଶୂରୀୟମାନଙ୍କ ଦ୍ୱାରା ଓ ଖ୍ରୀ:ପୂ: ୫୮୬ରେ

**Statement about ownership and other particulars about the Newspaper Echo of His Call (Odia) - Form IV**
**(See Rule 8)**

| | | |
|---|---|---|
| 1. Place of Publication | : | **New No. 8 & 10, Old No. 18 & 19, Mohammed Abdullah Sahib 2nd Street, Chepauk, Chennai - 600 005.** |
| 2. Periodicity | : | **Monthly** |
| 3. Printer, Editor, Owner & Publisher | : | **S. Sam Selva Raj** (Same Address) |
| 4. Nationality | : | **Indian** |

I, **S. Sam Selva Raj** hereby declare that the particulars given above are true to the best of my knowledge and belief.

**March 2022** **S. Sam Selva Raj.**

ଯିହୁଦୀୟମାନେ ବାବିଲୋନୀୟ ମାନଙ୍କ ଦ୍ୱାରା ବନ୍ଦୀ ହୋଇଥିଲେ । ସେମାନେ ସର୍ବ ଶକ୍ତିମାନ ପରମେଶ୍ୱରଙ୍କୁ ଅଗ୍ରାହ୍ୟ କରି ବିଦେଶୀ ଦେବତାମାନଙ୍କର ଅନୁଗାମୀ ହୋଇଥିବାରୁ ଏହି ଘଟଣା ସବୁ ଘଟିଥିଲା । ଆସଫ ଭାବବାଦୀ ସେହି ଜାତିକୁ ଦେଖି ବିଳାପ କରିଥିଲେ ଯାହା ଆବର୍ଜନାର ଗଦାରେ ପରିଣତ ହୋଇଥିଲା କାରଣ ସଦାପ୍ରଭୁ ସେମାନଙ୍କ ବିଶ୍ୱାସଘାତକତା ଯୋଗୁ ସୁରକ୍ଷା ଘୁଞ୍ଚାଇ ଦେଇଥିଲେ ।

ଯେଉଁ ଦ୍ରାକ୍ଷାଲତା ଉତ୍ତମ ଫଳ ଦେବ ବୋଲି ଆଶା କରାଯାଉଥିଲା, ତାହା ଖଟ୍ଟା ଫଳ ପ୍ରଦାନ କରିଥିଲା ଓ ନିଜର ଧ୍ୱଂସ ସାଧନ କରିଥିଲା ।

ଆଜି ମଧ୍ୟ ଲୋକମାନେ ଯୀଶୁଙ୍କ ରକ୍ତ ମାଧ୍ୟମରେ ଈଶ୍ୱରଙ୍କ ପଲ ମଧ୍ୟକୁ ଆସୁଛନ୍ତି, କିଛି ସମୟ ପାଇଁ ଆଲୋକ ପ୍ରକାଶ କରୁଛନ୍ତି ଓ ଈଶ୍ୱରଙ୍କ ପଲରୁ ବାହାରି ଯାଇ ଶୟତାନର ଦଳରେ ଆନନ୍ଦ କରୁଛନ୍ତି । ସେମାନେ ଏହା ଉପଲବ୍ଧି କରୁ ନାହାନ୍ତି ଯେ ଶୟତାନ ସେମାନଙ୍କୁ ଧ୍ୱଂସ ଦିଗକୁ କଢ଼ାଇ ନେଉଛି କାରଣ ସେ ଚୋର ଅଟେ ଓ ସେ ଚୋରି, ବଧ ଓ ଧ୍ୱଂସ କରେ (ଯୋହନ ୧୦:୧୦) । କାଳେ ଆମେ ମଧ୍ୟ ଆମ ପୂର୍ବ ପୁରୁଷଙ୍କର ଦଶ ଭୋଗ କରିବୁ, ଏଥିପାଇଁ ଆମକୁ ଶୟତାନର ଛଳନା ବିରୁଦ୍ଧରେ ସତର୍କ ରହିବାକୁ ହେବ ।

ଦ୍ରାକ୍ଷାଲତା ଫଳ ଉତ୍ପନ୍ନ କରୁଥିବା ଏକ ପ୍ରିୟ ଓ ପସନ୍ଦଯୋଗ୍ୟ ଉଦ୍ଭିଦ ଅଟେ । ଏହା ଏକ ଋତୁ କୈନ୍ଦ୍ରିକ ଉଦ୍ଭିଦ ଅଟେ । କୃଷକମାନେ ଭୂମିକୁ ପ୍ରସ୍ତୁତ କରିବା ପାଇଁ  କଠିନ ପରିଶ୍ରମ କରନ୍ତି, ଏହାକୁ ଖୋଳନ୍ତି ଓ ଖତ ଦିଅନ୍ତି । ଉଦ୍ଭିଦ ବୃଦ୍ଧି ପାଇବା ସମୟରେ ଏହାକୁ 'ମଞ୍ଚ' ଉପରେ ଖେଳାଇ ଦିଆଯାଏ । ଯେଉଁ ଶାଖାଗୁଡ଼ିକରେ ଫଳ ଆସେ ନାହିଁ, ସେଗୁଡ଼ିକୁ କାଟି ଛାଟି ପରିଷ୍କାର କରାଯାଏ ଓ କେବଳ ଫଳ ଧାରଣ କରିଥିବା ଶାଖାଗୁଡ଼ିକୁ ବୃଦ୍ଧି ପାଇବା ପାଇଁ ସୁଯୋଗ ଦିଆଯାଏ । କୃଷକ ସଠିକ୍ ଭାବରେ ଶାଖାଗୁଡ଼ିକ ସହିତ ନିଜକୁ ଚିହ୍ନଟ କରେ । ଯୀଶୁ କହିଥିଲେ, ''ମୁଁ ଦ୍ରାକ୍ଷାଲତା, ପୁଣି ମୋହର ପିତା କୃଷକ । ମୋ'ଠାରେ ଥିବା ଯେ କୌଣସି ଶାଖା ଫଳ ନ ଫଳେ, ତାହା ସେ କାଟି ପକାନ୍ତି, ଆଉ ଯେ କୌଣସି ଶାଖା ଫଳ ଫଳେ, ଅଧିକ ଫଳ ଫଳିବା ନିମନ୍ତେ ସେ ତାହା ପରିଷ୍କାର କରନ୍ତି'' (ଯୋହନ ୧୫:୧,୨) ।

ଦ୍ରାକ୍ଷାଫଳ ଭଳି, ପାନ ମଧ୍ୟ ଭାରତର ବିଭିନ୍ନ ଅଞ୍ଚଳରେ, ବିଶେଷ ଭାବରେ ତାମିଲନାଡୁରେ ଉତ୍ପନ୍ନ ହୁଏ । ଏହା ଏକ ଦ୍ରାକ୍ଷାଲତା ଭଳି ବୃଦ୍ଧିପାଏ । ମୋର ଜଣେ ଆତ୍ମିୟଙ୍କର ଗୋଟିଏ ପାନ ବଗିଚା ଥିଲା । ଉଦ୍ୟାନ ପାଇଁ ଭୂମିକୁ ବିଶେଷ ଭାବରେ ମନୋନୀତ ଓ ପ୍ରସ୍ତୁତ କରାଯାଏ । ଉପରି ଭାଗରେ ମାଟିକୁ ୪ ରୁ ୫ ଫୁଟ ଗଭୀରରେ ଖୋଳାଯାଏ ଓ ଏହାର ପରବର୍ତ୍ତୀ ସ୍ତରର ମାଟିକୁ ଠିକ୍ ଭାବରେ ଖୋଳାଯାଇ, ଅନ୍ୟ ସ୍ଥାନରୁ ସ୍ୱତନ୍ତ୍ର ମାଟି ଆଣି ସେଥିରେ ମିଶାଯାଏ ଓ ୨–୩ ଫୁଟର ଉଚ୍ଚତା ପର୍ଯ୍ୟନ୍ତ ଗାତକୁ ଭର୍ତ୍ତି କରାଯାଏ । ଅନ୍ୟ ଗଛଗୁଡ଼ିକର ଚେର ଯେପରି ଉଦ୍ୟାନ ମଧ୍ୟରେ ପ୍ରବେଶ ନ କରେ, ଏଥିପାଇଁ ସତର୍କତା ଅବଲମ୍ବନ କରିବାକୁ ହୁଏ । ଏହାପରେ ଚାରାଗଛକୁ ନିୟମିତ ବ୍ୟବଧାନରେ ରୋପଣ କରାଯାଏ । ଏହାକୁ ଉତ୍ତମ ଭାବେ ଜଳ ଯୋଗାଇ ଦିଆଯାଏ ଓ ଜଳ ଯେପରି କମି ନ ଯିବ, ଏଥିପାଇଁ ଅତି ଯତ୍ନ ନିଆଯାଏ । ଚାରା ଗଛଟି ଅଙ୍କୁରିତ ହୋଇ ବୃଦ୍ଧି ପାଏ । ବୃଦ୍ଧି ପାଉଥିବା ଦ୍ରାକ୍ଷାଲତାକୁ କୌଣସି ଜୀବନ୍ତ ଯଷ୍ଟି ଉପରେ ମଡ଼ାଇ ଦିଆଯାଏ । ସେହି ଯଷ୍ଟି ସାଧାରଣତଃ, କପାଗଛ, ସଜନାଗଛ ଭଳି ହାଲୁକା ଗଛରୁ ନିଆ ଯାଇଥାଏ । କପାଗଛ ବୃଦ୍ଧି ପାଇ ଫଳ ଉତ୍ପନ୍ନ କରେ ଓ ସେହି ଫଳଗୁଡ଼ିକ ଧୀରେ ଧୀରେ ଶୁଖିଯାଏ ଓ ସେଗୁଡ଼ିକ ଭିତରୁ କପା (ତୁଳା) ମିଳେ । ତୁଳା ତକିଆ ଓ ଗଦି ତିଆରିରେ ବ୍ୟବହୃତ ହୁଏ । ସଜନାଗଛ ପତ୍ର ଓ ପ୍ରଦାନ କରେ । ପତ୍ରଗୁଡ଼ିକୁ ଶାଗ ଭାବରେ ପ୍ରସ୍ତୁତ କରାଯାଏ ଓ ଫଳଗୁଡ଼ିକୁ ଶୁଖିବା ପୂର୍ବରୁ ସଂଗ୍ରହ କରାଯାଏ । ସଜନାଛୁଇଁ ହୋଟେଲ ଓ ଗୃହଗୁଡ଼ିକରେ ଏକ ଉତ୍ତମ ପରିବା ଅଟେ । ବନ୍ୟ ସଜନାକୁ କେବଳ ଖତ ପ୍ରସ୍ତୁତିରେ ବ୍ୟବହାର କରାଯାଏ ଓ ଏହା ଟାଣୁଆ କାଣ୍ଡ ନୌକା ଓ ଛୋଟ ଡଙ୍ଗା ନିର୍ମାଣରେ ବ୍ୟବହୃତ ହୁଏ । କେତେକ ଲୋକ କଦଳୀ ଚାଷ କରନ୍ତି ଯାହା ମଧ୍ୟ ଅତିରିକ୍ତ ଆୟର ଏକ ଉତ୍ସ ଅଟେ ।

କଅଁଳିଆ ପାନପତ୍ରଗୁଡ଼ିକୁ ଲାଭକାରୀ ଫସଲ ଭାବରେ ବିଚାର କରାଯାଏ । ସେଗୁଡ଼ିକୁ ଔଷଧ ପ୍ରସ୍ତୁତିରେ ବ୍ୟବହାର କରାଯାଏ । ଲୋକମାନେ ଗୁଆ ଓ ଚୂନ ସହିତ ଏହାକୁ ଚୋବେଇ ଖାଇବାରେ ଖୁସି ହୁଅନ୍ତି । ସାଧାରଣ ଭାବରେ ବୃଦ୍ଧବୃଦ୍ଧାମାନେ ଅଭ୍ୟାସଗତ ଭାବରେ ଏହାକୁ ବ୍ୟବହାର କରନ୍ତି, ଏପରିକି କେତେ ଜଣଙ୍କ ପାଇଁ ଏହା ଏକ ନିଶାରେ ପରିଣତ ହୋଇଯାଏ ।

ଏହି ଚାଷ ପାଇଁ ପ୍ରାୟ ଶୁଚିତା ରକ୍ଷା କରାଯାଏ । ସବୁ ସମୟରେ ସବୁ ଲୋକଙ୍କୁ, ବିଶେଷ ଭାବରେ ମହିଳାମାନଙ୍କୁ ପାନ ବଗିଚା ମଧ୍ୟକୁ ଅନୁମତି ଦିଆଯାଏ ନାହିଁ ।

## ଦ୍ରାକ୍ଷାକ୍ଷେତ୍ରରେ ଡିମ୍ବିରି ବୃକ୍ଷ

ଥରେ ଯୀଶୁ ଗୋଟିଏ ଦ୍ରାକ୍ଷାକ୍ଷେତ୍ରରେ ରହିଥିବା ଗୋଟିଏ ଡିମ୍ବିରି ବୃକ୍ଷର ଦୃଷ୍ଟାନ୍ତ ଦେଇଥିଲେ । ସେ ଏଥିରୁ ଫଳ ଖୋଜିଥିଲେ । ମାତ୍ର ଏଥିରେ କେବଳ ପ୍ରଚୁର ପତ୍ର ଥିଲା । ଦ୍ରାକ୍ଷାକ୍ଷେତ୍ରର କର୍ତ୍ତା ଡିମ୍ବିରି ବୃକ୍ଷକୁ ଲକ୍ଷ୍ୟ କରି ଆସୁଥିଲେ, ମାତ୍ର ଏଥିରେ କୌଣସି ଫଳ ନ ଥିଲା । କର୍ତ୍ତା ଏହାକୁ କାଟି ଦେବା ପାଇଁ ଉଦ୍ୟାନର ମାଳୀକୁ କହିଥିଲେ କାରଣ ଏହା କୌଣସି ଫଳ ଉତ୍ପନ୍ନ ନ କରି କେବଳ ଭୂମିକୁ କ୍ଷୟ କରୁଥିଲା । ମାତ୍ର ମାଳୀ

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)


# ନିହିମିଆ ବାଇବଲ

**ଆବାସିକ ମହାବିଦ୍ୟାଳୟ, ସାଂଧ୍ୟ କଲେଜ**

ଭେଲାଚେରୀ / ଚେପକ୍ ଓ ସନ୍ତୋଷପୁରମ୍, ଚେନ୍ନାଇ

ECHO OF HIS CALL (ECHO GROUP)

**ମାଧ୍ୟମ ~ ହିନ୍ଦୀ / ତାମିଲି**

Regd. Candidate for Membership ATA NEHEMIAH BIBLE COLLEGE CHENNAI ★ ECHO OF HIS CALL ★ Estd.: 1969

ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ – ATA

ବିଗତ ୫୩ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

**ଥିଓଲୋଜିରେ ସାର୍ଟିଫିକେଟ : ଏକ ବର୍ଷ**

**ଥିଓଲୋଜିରେ ଡିପ୍ଲୋମା : ଦୁଇ ବର୍ଷ**

**ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ** ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !

ଯୋଗାଯୋଗ :**The Chairman, Nehemiah Bible College.**

**10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.**

**Phone : (+91-44) 2852 8282, Cell : (+91) 98410 71852 / 95661 31858**

E.mail : sam@echoofhiscall.org / Website : www.echoofhiscall.org

✶ ONLINE CLASSES ARE AVAILABLE ✶

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୨ ମାର୍ଚ୍ଚ ୧୯ ରୁ ୨୦୨୨ ଏପ୍ରିଲ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

ମାର୍ଚ୍ଚ ୧୯ – ଆମର ସହଯୋଗୀ ସଂପାଦକ ଏମ୍. ପଲ୍‌ରାଜ୍ ଓ ନିହିମିୟା ବାଇବଲ କଲେଜର ସଭାପତି, ପାଳକ ଏମ୍.ମୁଥୁଙ୍କର ସ୍ୱାସ୍ଥ୍ୟର ଯତ୍ନ ନେଇଥିବାରୁ ପ୍ରଭୁଙ୍କର ପ୍ରଶଂସା କରନ୍ତୁ ।

ମାର୍ଚ୍ଚ ୨୦ – ଆମର ବାଇବଲ କୋର ଓ ଥିଓଲୋଜିକାଲ କରେସ ପଣ୍ଡେସ୍ ପାଠ୍ୟକ୍ରମ ଉପରେ ଆଶୀର୍ବାଦ କରିଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ମାର୍ଚ୍ଚ ୨୧ – ୧୯୬୯ ମସିହାରୁ ପତ୍ରିକା ସେବାକାର୍ଯ୍ୟ ପ୍ରତି ଆମର ସମର୍ପଣ ଉପରେ ଆଶୀର୍ବାଦ କରିଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ମାର୍ଚ୍ଚ ୨୨ – ଆମର ପତ୍ରିକା ସେବାକାର୍ଯ୍ୟ ମାଧ୍ୟମରେ ସୁସମାଚାର ପାଇ ନ ଥିବା ଲୋକମାନଙ୍କୁ ସୁସମାଚାର ଜଣାଇବା କାର୍ଯ୍ୟ ଉପରେ ପ୍ରଭୁଙ୍କର ଆଶୀର୍ବାଦ ନିମନ୍ତେ ତାଙ୍କର ପ୍ରଶଂସା କରନ୍ତୁ ।

ମାର୍ଚ୍ଚ ୨୩ – ଗତମାସ ଆମର ଆବଶ୍ୟକତା ପୂରଣ କରିଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ମାର୍ଚ୍ଚ ୨୪ – ବହୁମୁଖୀ ସେବାକାର୍ଯ୍ୟ ମାଧ୍ୟମରେ ସୁସମାଚାର ପ୍ରସାର ପ୍ରତି ଆମର ବରିଷ୍ଠ ପାଳକଙ୍କର ସମର୍ପଣ ପାଇଁ ଈଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତୁ ।

ମାର୍ଚ୍ଚ ୨୫ – ଆହ୍ୱାନର ପ୍ରତିଧ୍ୱନି ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାର ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ମାର୍ଚ୍ଚ ୨୬ – ଆମର ନିହିମିୟା ବାଇବଲ କଲେଜଗୁଡ଼ିକ ଉପରେ ଆଶୀର୍ବାଦ କରିଥିବାରୁ ପ୍ରଭୁଙ୍କର ପ୍ରଶଂସା କରନ୍ତୁ ।

ମାର୍ଚ୍ଚ ୨୭ – ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲର ଅଧ୍ୟକ୍ଷ, ଶିକ୍ଷକ ଓ ଅନ୍ୟ କର୍ମଚାରୀମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ମାର୍ଚ୍ଚ ୨୮ – ଆମର ସୁସମାଚାର ଛାପାକଳ ଓ ଦକ୍ଷ କର୍ମଚାରୀମାନଙ୍କ ଦ୍ୱାରା ଏହାର ନିରବଚ୍ଛିନ୍ନ କାର୍ଯ୍ୟ ପାଇଁ ଈଶ୍ୱରଙ୍କ ପ୍ରଶଂସା କରନ୍ତୁ ।

ମାର୍ଚ୍ଚ ୨୯ – ଆମର ରାଜ୍ୟ ସଂଯୋଜକ ଓ ସେମାନଙ୍କ ପରିବାରଗୁଡ଼ିକ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ମାର୍ଚ୍ଚ ୩୦ – କୋଭିଡ୍-୧୯ ସମୟରେ ଆମ "ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର ସମସ୍ତ କାର୍ଯ୍ୟ ଉପରେ ଈଶ୍ୱରଙ୍କ ଆଶୀର୍ବାଦ ପାଇଁ ପ୍ରଶଂସା କରନ୍ତୁ ।

ମାର୍ଚ୍ଚ ୩୧ – ଆମର ପ୍ରାର୍ଥନା ସାଥୀ, ସଭ୍ୟ, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ ଓ ମହା ଆଦେଶ ସାଥୀ ଓ ସେମାନଙ୍କ ପରିବାର ଗୁଡ଼ିକ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଏପ୍ରିଲ ୧ – ଆମର ମଣ୍ଡଳୀରେ ନୂତନ ବିଶ୍ୱାସୀମାନଙ୍କୁ ଅଭିଷେକ ଦ୍ୱାରା ଆଶୀର୍ବାଦ କରିଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଏପ୍ରିଲ ୨ – ଆମ ଦେଶକୁ ସୁରକ୍ଷା ଦେଇଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଏପ୍ରିଲ ୩ – ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲଭାରାଜ୍ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦ ଶକ୍ତିରୁ ସୁରକ୍ଷା ଦେଇଥିବାରୁ ଈଶ୍ୱରଙ୍କ ପ୍ରଶଂସା କରନ୍ତୁ ।

## ପ୍ରାର୍ଥନାର ବିଷୟ

ଏପ୍ରିଲ ୪ – ଆମର ସହଯୋଗୀ ସଂପାଦକ, ଭାଇ ଏମ୍.ପଲ୍‌ରାଜ ଓ ନିହିମିୟା ବାଇବଲ କଲେଜର ସଭାପତି, ପାଳକ ଏମ୍.ମୁଥୁଙ୍କର ସଂପୂର୍ଣ୍ଣ ସୁସ୍ଥତା ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ ୫ – ସମସ୍ତ ଦେଶର ଏକତା ଓ ଶାନ୍ତି ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ ୬ – ଆମର ବରିଷ୍ଠ ପାଳକ ଯେପରି କୌଣସି ପ୍ରତିବନ୍ଧକ ବିନା ନିଜର ଆତ୍ମ-ଜୀବନୀକୁ ସଂପୂର୍ଣ୍ଣ କରିପାରିବେ, ଏଥିପାଇଁ ଈଶ୍ୱରଙ୍କର ପ୍ରଚୁର ଆଶୀର୍ବାଦ ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ ୭ – ଆମର ଅନୁଷ୍ଠାନ, ସମସ୍ତ କର୍ମଚାରୀ ଓ ସେମାନଙ୍କର ପରିବାରଗୁଡ଼ିକର ମଙ୍ଗଳ ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ ୮ – ଆମର ଅନ୍-ଲାଇନ ହିନ୍ଦୀ ଥିଓଲୋଜିକାଲ ପାଠପଢ଼ା ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ ୯ – ଆମର ନିହିମିୟା ବାଇବଲ କଲେଜ ଓ ସେଗୁଡ଼ିକର ସଂପ୍ରସାରଣ ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ ୧୦ – ସମଗ୍ର ଜଗତରୁ କୋଭିଡ୍-୧୯, ଓମିକ୍ରନ୍ ଭୂତାଣୁକୁ ଦୂର କରିବା ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ ୧୧ – ନିଶା ବଟିକା ସେବନକାରୀ ଓ କୁକର୍ମକାରୀମାନଙ୍କର ସଂପୂର୍ଣ୍ଣ ସୁସ୍ଥତା ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ ୧୨ – ଆମର ସମସ୍ତ ଅର୍ଥନୈତିକ ଓ ଭୌତିକ ଆବଶ୍ୟକତା ପୂରଣ କରିବା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ ୧୩ – ଆମର ଦେଶକୁ ଏକତା ଓ ବିକାଶରେ ବଳିଷ୍ଠ କରିବା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ ୧୪ – ଆମର ଉତ୍ତର ଭାରତର ମିଶନେରୀ ଓ ସେମାନଙ୍କର ମଙ୍ଗଳ ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ ୧୫ – ଦୁର୍ଗମ ସ୍ଥାନରେ ସୁସମାଚାର ପ୍ରଚାର କରିବା ପାଇଁ ଆମକୁ ସାମର୍ଥ୍ୟ ପ୍ରଦାନ କରିବା ନିମନ୍ତେ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ ୧୬ – ସମସ୍ତ ଧର୍ମ ମଧ୍ୟରେ ଏକତା ପାଇଁ ସମର୍ପିତ ଭାବରେ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ ୧୭ – ପ୍ରତ୍ୟେକ ମାର୍ଗରେ ଓ ପ୍ରତ୍ୟେକ ପରିମାଣରେ ଆମ ସେବାକାର୍ଯ୍ୟର ସଂପ୍ରସାରଣ ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ ୧୮ – କର୍ମଚାରୀମାନଙ୍କର ଦରମା, ଛାପାକଳ ପାଇଁ କାଗଜ, ଡାକ, ସେବାକାର୍ଯ୍ୟ ପାଇଁ ପରିବହନ ଭଳି ଅର୍ଥନୈତିକ ଆବଶ୍ୟକତା ନିମନ୍ତେ ପ୍ରାର୍ଥନା କରନ୍ତୁ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଏହାକୁ ଆଉ ଗୋଟିଏ ବର୍ଷ ଛାଡ଼ି ଦେବା ପାଇଁ କର୍ତ୍ତାଙ୍କୁ ଅନୁରୋଧ କରିଥିଲା । ସେହି ସମୟ ଭିତରେ, ସେ ଏହାର ଚତୁର୍ଦ୍ଦିଗରେ ଖୋଳି, ଏଥିରେ ଖତ ଓ ସାର ଦେବ ବୋଲି କହିଥିଲା ।

ଯୀଶୁ ଫଳ ଉତ୍ପନ୍ନର ଗୁରୁତ୍ୱ ବିଷୟରେ କହିଥିଲେ । ସେ ଏହାକୁ ଦ୍ରାକ୍ଷାକ୍ଷେତ୍ରରେ ରହିଥିବା ଗୋଟିଏ ଡିମ୍ବିରି ବୃକ୍ଷର ଦୃଷ୍ଟାନ୍ତ ସାହାଯ୍ୟରେ ବୁଝାଇଥିଲେ (ଲୂକ ୧୩:୬-୯) । ଗୋଟିଏ ଦ୍ରାକ୍ଷାକ୍ଷେତ୍ରରେ ଡିମ୍ବିରି ବୃକ୍ଷର ରୋପଣ ଅତି ଗୁରୁତ୍ୱପୂର୍ଣ୍ଣ । ମାତ୍ର ସେଠାରେ ଏହାର ଉପସ୍ଥିତିକୁ ଯଥାର୍ଥ ପ୍ରତିପାଦନ କରିବା ପାଇଁ, ଏହା ଫଳ ଉତ୍ପନ୍ନ କରିବା ଉଚିତ୍ ଅଟେ ।

ଦ୍ରାକ୍ଷାକ୍ଷେତ୍ର ଇସ୍ରାଏଲୀୟମାନଙ୍କର ପ୍ରତିନିଧିତ୍ୱ କରେ । ଡିମ୍ବିରି ବୃକ୍ଷ ସେହି ବିଜାତିମାନଙ୍କୁ ବୁଝାଏ ଯେଉଁମାନେ ଇସ୍ରାଏଲୀୟମାନଙ୍କ ବିନିମୟରେ ଲାଭ ପାଆନ୍ତି । ବିଜାତୀୟମାନେ ଫଳ ଉତ୍ପନ୍ନ କରନ୍ତୁ ବୋଲି ଈଶ୍ୱର ଅପେକ୍ଷା କରନ୍ତି । ଯେଉଁ ବୃକ୍ଷ ଉତ୍ତମ ଫଳ ଉତ୍ପନ୍ନ କରିବ ନାହିଁ, ତାହାକୁ କଟା ଯାଇ ଅଗ୍ନିରେ ନିକ୍ଷିପ୍ତ କରାଯିବ - ଏହା ଈଶ୍ୱରଙ୍କର ବ୍ୟବସ୍ଥା ଥିଲା (ମାଥିଉ ୩:୧୦) । ସେଥିପାଇଁ, ଡିମ୍ବିରି ବୃକ୍ଷ/ବିଜାତିମାନଙ୍କୁ ସେମାନଙ୍କର ସ୍ଥିତି ପାଇଁ ଫଳ ଉତ୍ପନ୍ନ କରିବାକୁ ହେବ ।

ଉଦ୍ୟାନର ମାଳୀ, ଯୀଶୁ ଖ୍ରୀଷ୍ଟ ଡିମ୍ବିରି ବୃକ୍ଷକୁ ଆଉ ଗୋଟିଏ ବର୍ଷ ପାଇଁ ଛାଡ଼ି ଦେବାକୁ ପିତାଙ୍କୁ ଅନୁରୋଧ କରନ୍ତି ଓ ସେହି ବର୍ଷ ଭିତରେ ଏହାର ଅଧିକ ଯତ୍ନ ନେବେ, ଏଥିରେ ସାର ଦେବେ ବୋଲି ସେ କହନ୍ତି । ଏଠାରେ ଗଛର ବିଶେଷ ଯତ୍ନ ପବିତ୍ର ଆତ୍ମାଙ୍କ ବୃଷ୍ଟିର ପ୍ରତିନିଧିତ୍ୱ କରେ ଯାହା ବିଶ୍ୱାସୀକୁ ବଳିଷ୍ଠ ହେବାରେ ଓ ଫଳ ଧାରଣ କରିବାରେ ସାହାଯ୍ୟ କରେ । ଅଧିକ ଫଳ ଧାରଣ କରିବା ପାଇଁ ତାଙ୍କଠାରେ ରହିବା ନିମନ୍ତେ ଯୀଶୁ ଲୋକମାନଙ୍କୁ କହିଛନ୍ତି (ଯୋହନ ୧୫:୫) ।

ସ୍ୱର୍ଗର ସିଂହାସନରେ ଉପବିଷ୍ଟ ପିତା ଈଶ୍ୱର ସୂର୍ଯ୍ୟତଳେ ପ୍ରତ୍ୟେକଙ୍କୁ ନିରୀକ୍ଷଣ କରୁଛନ୍ତି ଓ ତାଙ୍କର ଚକ୍ଷୁର ପତା ମନୁଷ୍ୟ ସନ୍ତାନମାନଙ୍କୁ ପରୀକ୍ଷା କରେ (ଗୀତ ୧୧:୪) । ସେ ଧାର୍ମିକ ବିଚାରକର୍ତ୍ତା ଅଟନ୍ତି ଓ ସେ ଧର୍ମରେ ଜଗତର ଓ ନିଜ ସତ୍ୟତାରେ ଲୋକ ମାନଙ୍କର ବିଚାର କରିବେ । ‘‘ସେ ପୃଥିବୀର ବିଚାର କରିବାକୁ ଆସୁଅଛନ୍ତି, ସେ ଧର୍ମରେ ଜଗତର ଓ ଆପଣା ସତ୍ୟତାରେ ଗୋଷ୍ଠୀବର୍ଗର ବିଚାର କରିବେ’’ (ଗୀତ ୯୬:୧୩) ।

ଅନ୍ଧକାର ମଧ୍ୟରୁ ଜଗତର ଲୋକମାନଙ୍କୁ (ବିଜାତିମାନଙ୍କୁ) ଆଣିବା ପାଇଁ ଈଶ୍ୱରଙ୍କର ଏକ ବିଶେଷ ଯୋଜନା ଅଛି । ସେ ଶୟତାନକୁ ମୂଲ୍ୟ ପରିଶୋଧ କରିବା ପାଇଁ ଓ ଶୟତାନ କବଳରୁ ସେମାନଙ୍କୁ ଉଦ୍ଧାର କରିବା ପାଇଁ ନିଜର ଏକମାତ୍ର ଅଦ୍ୱିତୀୟ ପୁତ୍ରଙ୍କୁ ପ୍ରେରଣ କରିଥିଲେ । ଯୀଶୁ ନିଜର ରକ୍ତକ୍ଷରଣ କରିବା ଦ୍ୱାରା ପ୍ରତ୍ୟେକଙ୍କ ପାଇଁ ମୂଲ୍ୟ ପରିଶୋଧ କରିଥିଲେ । ଯଦି କେହି କ୍ରୁଶ ପ୍ରତି ଦୃଷ୍ଟିପାତ କରି, ଯୀଶୁ ଖ୍ରୀଷ୍ଟ ତା'ର ପରିତ୍ରାଣ ପାଇଁ କ୍ରୁଶ ଉପରେ ମୃତ୍ୟୁଭୋଗ କରିଥିଲେ ବୋଲି ସ୍ୱୀକାର କରେ, ତେବେ ସେ ତା'ର ପାପ କ୍ଷମା କରନ୍ତି ଓ ଏହାପରେ ତାକୁ ନିଜ ପୁତ୍ର କିମ୍ବା କନ୍ୟା କରନ୍ତି (ଯୋହନ ୧:୧୨, ୩:୧୬) ।

ପୁଣି ସଦାପ୍ରଭୁ ପରମେଶ୍ୱରଙ୍କ ହସ୍ତ ପାଉଲଙ୍କ ଭଳି ଜଣେ ବିଦ୍ରୋହୀକୁ ଧରିଥିଲେ ଯିଏ ବିଜାତୀୟମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିଥିଲେ । କେହି ଯେପରି ବିନଷ୍ଟ ନ ହୋଇ, ସମସ୍ତେ ପରିତ୍ରାଣ ପାଇବେ, ଏଥିପାଇଁ ଆମର ପ୍ରଭୁ ଯତ୍ନଶୀଳ ଅଟନ୍ତି । ତାଙ୍କର ନିଜସ୍ୱ ଲୋକ, ଇସ୍ରାଏଲ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ମସିହ ଭାବରେ ଅଗ୍ରାହ୍ୟ କରି ପଥଭ୍ରଷ୍ଟ ହୋଇଥିଲା । ସେମାନେ ସେମାନଙ୍କର ହୃଦୟକୁ କଠିନ କରିଥିବାରୁ, ବିଜାତିମାନଙ୍କ ପାଇଁ ପରିତ୍ରାଣର ମାର୍ଗ ଉନ୍ମୁକ୍ତ ହୋଇଥିଲା, ଠିକ୍ ଯେପରି ଗୋଟିଏ ଡିମ୍ବିରି ବୃକ୍ଷ ଦ୍ରାକ୍ଷାକ୍ଷେତ୍ରରେ ସ୍ଥାନ ପାଇଥିଲା । ପ୍ରବେଶ କରିବା ପରେ, ସେମାନେ ଫଳ ପ୍ରଦର୍ଶନ କରିବା ଉଚିତ୍ ।

## ଜୀତ ବୃକ୍ଷ

ଜୀତ ବୃକ୍ଷ ଇସ୍ରାଏଲ ଦେଶରେ ଗୋଟିଏ ମୁଖ୍ୟ ଫସଲ ଅଟେ । ଜୀତ ଗୁଳ୍ମ ଓ ଦ୍ରାକ୍ଷାକ୍ଷେତ୍ର ଇସ୍ରାଏଲର ପ୍ରତ୍ୟେକ ଅଞ୍ଚଳରେ ଉତ୍ପନ୍ନ ହୁଏ । ଜୀତ ଏକ ଲାଭଦାୟକ ଫସଲ କାରଣ ଏହାର ମଞ୍ଜିରୁ ତୈଳ ପ୍ରସ୍ତୁତ କରାଯାଏ । ଜୀତ ତୈଳ ସମଗ୍ର ପୃଥିବୀରେ ଅତି ପରିଚିତ ଅଟେ ।

ଆମେ ଜୀତକୁ ଏକ ଲାଭଦାୟକ ଫସଲ ଭାବରେ ଦେଖୁଛୁ । ଆମେ ବାଇବଲରେ ଗୋଟିଏ ଘଟଣା ଦେଖୁ, ଇସ୍ରାଏଲର ଜଣେ ଭାବବାଦୀ ମୃତ୍ୟୁବରଣ କରିବା ପୂର୍ବରୁ କିଛି ଋଣ କରିଥିଲେ । ତାଙ୍କର ଋଣଦାତାମାନେ ଆସି ଋଣ ପରିଶୋଧ କରିବା ପାଇଁ ଭାବବାଦୀଙ୍କର ବିଧବା ପତ୍ନୀଙ୍କୁ କହିଲେ ଓ ଋଣ ପରିଶୋଧ ନ କଲେ ତାଙ୍କର ଦୁଇ ପୁତ୍ରଙ୍କୁ ଦାସ ଭାବରେ ନେଇଯିବେ ବୋଲି ସେମାନେ ଧମକ ଦେଲେ । କ'ଣ କରିବାକୁ ହେବ, ତାହା ଜାଣି ନ ପାରି, ସେହି ବିଧବା ମହିଳା ଇଲୀଶାୟ ଭାବବାଦୀଙ୍କ ନିକଟକୁ ଗଲେ ଓ ତାଙ୍କ ନିକଟରେ ନିଜର କାହାଣୀ ବର୍ଣ୍ଣନା କଲେ । ଭାବବାଦୀ ତାଙ୍କୁ ପଚାରିଲେ, ‘‘ମୁଁ ତୁମ୍ଭ ପାଇଁ କ'ଣ କରିବି ? ତୁମ୍ଭ ଗୃହରେ କ'ଣ ଅଛି ?’’ ସେହି ଦରିଦ୍ର ମହିଳା କହିଥିଲେ ଯେ ତାଙ୍କ ଗୃହରେ ଗୋଟିଏ ପାତ୍ର ତୈଳ ବ୍ୟତୀତ ଆଉ କିଛି ନାହିଁ । ଯଥା ସମ୍ଭବ ବହୁ ପରିମାଣର ଶୂନ୍ୟ ପାତ୍ର ସଂଗ୍ରହ କରିବା ପାଇଁ ଭାବବାଦୀ ତାଙ୍କୁ କହିଥିଲେ । ଏହାପରେ ଦ୍ୱାର ବନ୍ଦ କରି ସେହି ସମସ୍ତ ଶୂନ୍ୟ ପାତ୍ରରେ ତୈଳ ଢ଼ାଳିବା ପାଇଁ ସେ ତାଙ୍କୁ ପରାମର୍ଶ ଦେଇଥିଲେ । ସେ ସମସ୍ତ ପାତ୍ରରେ ତୈଳ ଢ଼ାଳିଥିଲେ ଓ ଆଉ କୌଣସି ଶୂନ୍ୟ ପାତ୍ର ଅବଶିଷ୍ଟ ନାହିଁ ବୋଲି ତାଙ୍କର ପୁତ୍ର ତାଙ୍କୁ କହିଥିଲେ । ଏହାପରେ ତୈଳ ଢ଼ାଳିବା ବନ୍ଦ ହୋଇଥିଲା । ସେହି ତୈଳ ବିକ୍ରୟ କରି ଋଣ ପରିଶୋଧ କରିବା ପାଇଁ ଓ ଅବଶିଷ୍ଟ ଅର୍ଥରେ ଜୀବନ କାଟିବା ପାଇଁ ଭାବବାଦୀ ତାଙ୍କୁ କହିଥିଲେ (୨ ରାଜାବଳି ୪:୧-୭) । ଜୀତ ତୈଳ ତାଙ୍କ ନିକଟରେ ରହିଥିବାରୁ, ସେ ଋଣ ପରିଶୋଧ କରିପାରିଥିଲେ ।

ରୋମୀୟ ୧୧:୧୭ରେ, ପାଉଲ ତ୍ରାଣକର୍ତ୍ତାଙ୍କୁ ଅଗ୍ରାହ୍ୟ କରିଥିବା ଇସ୍ରାଏଲୀୟମାନଙ୍କ ବିନିମୟରେ ବିଜାତୀୟ ମାନଙ୍କ ପରିତ୍ରାଣକୁ ଉଲ୍ଲେଖ କରିଛନ୍ତି ।

‘‘କିନ୍ତୁ ଯଦି କେତେକ ଶାଖା ଉଚ୍ଛିନ୍ନ ହେଲା ଓ ତୁମ୍ଭେ ବନ୍ୟ ଜୀତ ବୃକ୍ଷର ଶାଖା ହେଲେ ହେଁ ସେହି ସବୁ ମଧ୍ୟରେ କରାଗଲ, ପୁଣି ସେମାନଙ୍କ ସହିତ ଜୀତ ବୃକ୍ଷ ମୂଳର ଅଂଶୀ ହେଲ’’ (ରୋମୀ ୧୧:୧୭) ।

ପାଉଲ ଇସ୍ରାଏଲୀୟମାନଙ୍କ ବିନିମୟରେ ବିଜାତିମାନଙ୍କର ପରିତ୍ରାଣକୁ ଉଲ୍ଲେଖ କରିଛନ୍ତି । ଏଥିପାଇଁ, ଜୀତ ବୃକ୍ଷର କେତେକ ଶାଖାକୁ ଭଙ୍ଗା ଯାଇଥିଲା ଓ ଏଗୁଡ଼ିକର ସ୍ଥାନରେ ବନ୍ୟ ଜୀତ ବୃକ୍ଷଗୁଡ଼ିକୁ (ବିଜାତିମାନଙ୍କୁ) କଲମ (ସଂଯୁକ୍ତ) କରାଯାଇଥିଲା । ପ୍ରଭୁ ଯୀଶୁ ଖ୍ରୀଷ୍ଟ କହିଥିଲେ, ‘‘...ପରିତ୍ରାଣ ଯିହୁଦୀମାନଙ୍କ ମଧ୍ୟରୁ ଆସେ’’ (ଯୋହନ ୪:୨୨) । ପାଉଲ କହିଥିଲେ, ‘‘... ଯେ ପର୍ଯ୍ୟନ୍ତ ବିଜାତିମାନେ ପୂର୍ଣ୍ଣ ସଂଖ୍ୟାରେ ପ୍ରବେଶ କରି ନାହାନ୍ତି, ସେ ପର୍ଯ୍ୟନ୍ତ ଇସ୍ରାଏଲ ଅଂଶ କ୍ରମେ କଠିନ ହୋଇଅଛି’’ (ରୋମୀୟ ୧୧:୨୫) । ଇସ୍ରାଏଲୀୟମାନଙ୍କ ମଧ୍ୟରୁ ଗୋଟିଏ ଅଂଶ ସେମାନଙ୍କର ହୃଦୟ କଠିନ କରିଥିଲେ ଓ ବିଜାତିମାନେ ପୂର୍ଣ୍ଣ ସଂଖ୍ୟାରେ ନ ଆସିବା ପର୍ଯ୍ୟନ୍ତ ସେମାନେ ସେହିପରି କରିବେ । ସେଥିପାଇଁ, ଏହା ପରିତ୍ରାଣ ପାଇବାର ସୁଯୋଗକୁ ଗ୍ରହଣ କରି ଈଶ୍ୱରଙ୍କ ରାଜ୍ୟ ମଧ୍ୟରେ ପ୍ରବେଶ କରିବା ନିମନ୍ତେ ନିଜ ନିଜକୁ ଯୋଗ କରିବା ପାଇଁ ବିଜାତିମାନଙ୍କ ନିମନ୍ତେ ପ୍ରକୃଷ୍ଟ ସମୟ ଅଟେ ।

ଈଶ୍ୱର ଜଗତ ମଧ୍ୟରୁ ନିଜ ଲୋକମାନଙ୍କୁ ଆହ୍ୱାନ କରିଥିଲେ ଓ ଏପରି ବିଶେଷ ଦାନ ଦେଇଥିଲେ ଯେଉଁଗୁଡ଼ିକ ଅନ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ । ସେଥିପାଇଁ, ଈଶ୍ୱର ନିଜ ଲୋକମାନଙ୍କୁ ଦେଇଥିବା ଆହ୍ୱାନ ଓ ଦାନ ଅପ୍ରତିହତ ଅଟେ (ରୋମୀ ୧୧:୨୯) ।

ଏହି କାରଣରୁ, ଉଦ୍ଧାରକର୍ତ୍ତା ସିୟୋନରୁ ଆସିବେ ଓ ଯାକୁବଠାରୁ ଅବିଶ୍ୱାସ ଦୂର କରିବେ । ଊର୍ଦ୍ଧ୍ୱାରୋହଣ ପରେ, ପରିତ୍ୟକ୍ତ ଇସ୍ରାଏଲୀୟମାନେ ଈଶ୍ୱରଙ୍କ ରାଜ୍ୟକୁ ଅଧିକାର କରିବାର ଏକ ସ୍ୱତନ୍ତ୍ର ସୁଯୋଗ ପାଇବେ ।

ଯେତେବେଳେ ମଣ୍ଡଳୀ ଊର୍ଦ୍ଧ୍ୱକୁ ନୀତ ହେବ, ସେତେବେଳେ ଚାରି ଜଣ ଦୂତ ପୃଥିବୀ, ସମୁଦ୍ର କିମ୍ବା ଯେ କୌଣସି ବୃକ୍ଷ ଉପରେ ବାୟୁ ପ୍ରବାହକୁ ଅଟକାଇବା ପାଇଁ ଚାରିଦିଗର ବାୟୁକୁ ଧରି ଥିବାର ଦେଖାଯିବ । ଜୀବିତ ଈଶ୍ୱରଙ୍କ ଦ୍ୱାରା ମୁଦ୍ରାଙ୍କିତ ହୋଇଥିବା ଅନ୍ୟ ଜଣେ ଦୂତ ସେହି ଚାରି ଦୂତଙ୍କୁ ଉଚ୍ଚ ସ୍ୱରରେ କହିବେ, ‘‘ଆମ୍ଭେମାନେ ଆପଣାମାନଙ୍କ ଈଶ୍ୱରଙ୍କର ଦାସମାନଙ୍କ କପାଳରେ ମୁଦ୍ରାଙ୍କ ନ ଦେବା ପର୍ଯ୍ୟନ୍ତ ତୁମ୍ଭେମାନେ ପୃଥିବୀ କିଅବା ସମୁଦ୍ର କିଅବା ବୃକ୍ଷସମୂହର କ୍ଷତି କର ନାହିଁ ।’’ ଯେଉଁମାନଙ୍କ କପାଳରେ ମୁଦ୍ରାଙ୍କ ଥିଲା, ସେମାନଙ୍କ ସଂଖ୍ୟା ୧, ୪୪୦୦୦ ଥିଲା, ଅର୍ଥାତ୍, ଗୋଟିଏ ଗୋଷ୍ଠୀରୁ ୧୨,୦୦୦ ଲେଖାଏଁ ଲୋକ ଥିଲେ । ଦାନ ଗୋଷ୍ଠୀ ସ୍ଥାନରେ ମନଃଶି ଗୋଷ୍ଠୀ ଥିବାରୁ ସମୁଦାୟ ଗୋଷ୍ଠୀ ସଂଖ୍ୟା ୧୨ ଥିଲା । ଏହି ମୁଦ୍ରାଙ୍କିତ ବ୍ୟକ୍ତିମାନେ ମହାକ୍ଲେଶର ସେହି ପ୍ରଥମ ସାଢ଼େ ତିନି ବର୍ଷ ସମୟରେ ନୀତ ହେବେ ଯେଉଁ ସମୟରେ ଖ୍ରୀଷ୍ଟାରି ସମଗ୍ର ଜଗତ ଉପରେ ରାଜତ୍ୱ କରିବ ।

ଏହି ୧, ୪୪୦୦୦ ଲୋକ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ବିଶେଷ ଲୋକ ଅଟନ୍ତି କାରଣ ସେମାନେ ସ୍ତ୍ରୀମାନଙ୍କ ଦ୍ୱାରା ନିଜ ନିଜକୁ ଅଶୁଚି କରି ନ ଥିଲେ, ଅର୍ଥାତ୍, ସେମାନେ ପ୍ରକାଶିତ ବାକ୍ୟ ୧୭ ଅଧ୍ୟାୟରେ ବର୍ଣ୍ଣିତ ମହାବେଶ୍ୟାରୂପକ ପ୍ରତିମାପୂଜା ଦ୍ୱାରା ନିଜ ନିଜକୁ ଅଶୁଚି କରି ନ ଥିଲେ । ସେମାନେ ସିଂହାସନ ସମ୍ମୁଖରେ ଏକ ନୂତନ ଗୀତ ଗାନ କରିଥିଲେ ଓ ପୃଥିବୀର ସେହି ଉଦ୍ଧାରପ୍ରାପ୍ତ ୧,୪୪୦୦୦ ଲୋକଙ୍କ ବ୍ୟତୀତ ଅନ୍ୟ କେହି ସେହି ଗୀତ ଶିଖି ପାରି ନ ଥିଲେ । ସେମାନେ ସେହି ସ୍ତ୍ରୀ ଦ୍ୱାରା ନିଜ ନିଜକୁ ଅଶୁଚି କରି ନ ଥିଲେ ଓ ମେଷଶାବକ ଯେଉଁ ସ୍ଥାନକୁ ଯାଉଥିଲେ, ସେମାନେ ତାଙ୍କର ଅନୁଗମନ କରୁଥିଲେ । ମଣ୍ଡଳୀ ସ୍ୱର୍ଗକୁ ଉତ୍ଥାନ ହେବା ପରେ, ସେମାନେ ପ୍ରଥମ ଦଳର ଲୋକ ଥିଲେ ।

୧,୪୪,୦୦୦ଙ୍କୁ ଊର୍ଦ୍ଧ୍ୱକୁ ନୀତ ହେବା ସମୟ ଛାଡ଼ି ଦିଆଯିବ, କାରଣ ସେମାନେ ପବିତ୍ରତା ଓ ସମର୍ପଣର ଆଦର୍ଶ ଅନୁରୂପୀ ହୋଇ ନ ଥିଲେ । ମାତ୍ର ସେମାନେ ଈଶ୍ୱରଙ୍କ ବାକ୍ୟରେ ଓ ତାଙ୍କର ବିଧିସବୁରେ ସ୍ଥିର ଥିଲେଓ ପ୍ରତିମା ପୂଜା ଦ୍ୱାରା ନିଜ ନିଜକୁ ଅଶୁଚି କରି ନ ଥିଲେ । ସେଥିପାଇଁ, ଈଶ୍ୱର ଏକ ବିଶେଷ ଦୟା ସଂପ୍ରସାରଣ କରିଥିଲେ ।

## ଯିହୁଦାର ଅନ୍ତିମ ପରିତ୍ରାଣ–ସୁଯୋଗ

ସଦାପ୍ରଭୁ ଏପର୍ଯ୍ୟନ୍ତ ଯିହୁଦାର ସେହି ଅବଶିଷ୍ଟ ଲୋକମାନଙ୍କ ବିଷୟରେ ମନୋଯୋଗୀ ଅଟନ୍ତି ଯେଉଁମାନଙ୍କୁ ‘ଊର୍ଦ୍ଧ୍ୱକୁ ନୀତ’ ହେବା ସମୟରେ ଛାଡ଼ି ଦିଆଯିବ । ଈଶ୍ୱରଙ୍କ ବାକ୍ୟ କହିଛି, ‘‘ଈଶ୍ୱରଙ୍କ ଦାନ ଓ ଆହ୍ୱାନଗୁଡ଼ିକ ଅପ୍ରତିହତ ଅଟେ’’ (ରୋମୀୟ ୧୧:୨୯) ।

ସେମାନେ ମସୀହଙ୍କୁ ଅଗ୍ରାହ୍ୟ କଲେ ମଧ୍ୟ ଈଶ୍ୱର ବିଶ୍ୱସ୍ତ ଥିଲେ । ବାଇବଲରେ ଲେଖାଅଛି, ‘‘ପୁଣି ଆମ୍ଭେ ଦାଉଦ ବଂଶ ଉପରେ ଓ ଯିରୂଶାଲମ ନିବାସୀମାନଙ୍କ ଉପରେ ଅନୁଗ୍ରହ ଓ ବିନତିଜନକ ଆତ୍ମା ବୃଷ୍ଟି କରିବା, ତହିଁରେ ସେମାନେ ଆମ୍ଭ ପ୍ରତି, ଅର୍ଥାତ୍, ଯାହାଙ୍କୁ ସେମାନେ ବିଦ୍ଧ କରିଅଛନ୍ତି, ତାହାଙ୍କ ପ୍ରତି ଦୃଷ୍ଟିପାତ କରିବେ, ଆଉ, କେହି ଯେପରି ଆପଣାର ଏକମାତ୍ର ପୁତ୍ର ଲାଗି ଶୋକ କରେ, ସେପରି ସେମାନେ ତାହାଙ୍କ ପାଇଁ ଶୋକ କରିବେ ଓ କେହି ଯେପରି ଆପଣା ପ୍ରଥମ ଜାତର ନିମନ୍ତେ ବ୍ୟାକୁଳିତ ହୁଏ, ସେପରି ସେମାନେ ତାହାଙ୍କ ପାଇଁ ବ୍ୟାକୁଳିତ ହେବେ’’ (ଯିଖରିୟ ୧୨:୧୦) ।

ଯଦିଓ ଯିହୁଦୀମାନେ ମସୀହଙ୍କୁ ଅଗ୍ରାହ୍ୟ କରି ବିରକ୍ତ କରିବେ, ତଥାପି ସଦାପ୍ରଭୁ ଯିହୁଦା ଉପରେ ଅନୁଗ୍ରହଓ ବିନତିର ଆତ୍ମା ଢ଼ାଳିବା ପାଇଁ ସନ୍ତୁଷ୍ଟ ହେବେ ଓ ସେମାନେ ସେମାନଙ୍କର ଭୁଲ କାର୍ଯ୍ୟ ପାଇଁ ଶୋକ କରିବେ । କିନ୍ତୁ, ଶେଷ ଦିନ ଗୁଡ଼ିକରେ ଦୁଇ ତୃତୀୟାଂଶ ଲୋକ ଉଚ୍ଛିନ୍ନ ହୋଇ ମୃତ୍ୟୁବରଣ କରିବେ (ଏହା ଖ୍ରୀଷ୍ଟାରିର ରାଜତ୍ୱର ଦ୍ୱିତୀୟାର୍ଦ୍ଧ, ଅର୍ଥାତ୍ ଶେଷ ସାଢ଼େ ତିନି ବର୍ଷ ମଧ୍ୟରେ ଘଟିପାରେ) ଓ ଏକ ତୃତୀୟାଂଶ ଅଗ୍ନି ମଧ୍ୟ ଦେଇ, ଅର୍ଥାତ୍ କଠିନ ପରୀକ୍ଷା ଦ୍ୱାରା ରକ୍ଷା ପାଇବେ (ଯିଖରିୟ ୧୩:୮,୯) ।

ଯେଉଁ ଯିହୁଦୀ ଓ ଅଣ–ଯିହୁଦୀମାନେ ଊର୍ଦ୍ଧ୍ୱାନ୍ତର ସମୟରେ ନୀତ ହେବେ, ସେମାନେ ସୌଭାଗ୍ୟବାନ୍ ଅଟନ୍ତି । ଊର୍ଦ୍ଧ୍ୱାନ୍ତର ପରେ କେବଳ ଯିହୁଦୀମାନଙ୍କୁ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବାର ସୁଯୋଗ ଦିଆଯିବ । ସେଥିପାଇଁ, ଆଜି ହିଁ ପରିତ୍ରାଣର ଦିନ ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବାର ଓ ଊର୍ଦ୍ଧ୍ୱାନ୍ତର ସମୟରେ ନୀତ ହେବାର ସୁନିଶ୍ଚିତ ସୁଯୋଗ ପାଇଁ ତାଙ୍କ ସନ୍ତାନ ଭାବରେ ବଞ୍ଚିବାର ସଠିକ୍ ସମୟ ଅଟେ ।

(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର୍ସ

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ–ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲ୍‌ରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – ‘‘ଆପଣଙ୍କ ନିମନ୍ତେ ନୂତନ ଜୀବନ’’ ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
Echo of His Call, **Post Box 2957**
CHEPAUK, CHENNAI - 600 005.
**Ph.: (044) 2852 8282, 2852 9293, 2854 7766,**
**Cell : 98410 71852, 95661 31858**
**E.mail : biblecor@yahoo.co.in**

## TAX EXEMPTION

Donations by any individual or organization from India to **Echo of His Call Educational Trust** are eligible for Income Tax exemption under Section 80G of the Income Tax Act. Official receipts will be issued for this purpose. Please make your Demand Drafts / Cheques / M.O. for such donations in favour of **Echo of His Call Educational Trust** and send to us.

| | | |
|---|---|---|
| **Account Name** | : | **ECHO OF HIS CALL EDUCATIONAL TRUST** |
| **Account Number** | : | **1023 2923 805** |
| **Bank Name** | : | **STATE BANK OF INDIA** |
| **Branch** | : | **TRIPLICANE, CHENNAI - 600 005** |
| **IFSC Code** | : | **SBIN 0000249** |
| **SWIFT Code** | : | **SBI NIN BB 455** |



# ଗାର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*“ଯେ ପାଠ କରେ, ସେ ବୁଝୁ” (ମାଥିଉ ୨୪:୧୫)*

## ମୁଁ କିପରି ପ୍ରତିପାଳିତ ହୋଇଥିଲି ?

## ଯେଉଁ ପ୍ରଭୁ ଛୋଟ ପିଲାମାନଙ୍କୁ ପ୍ରେମ କରନ୍ତି !

ମୁଁ ୧୯୪୯ ଜୁନ୍ ୩ ତାରିଖରେ ଜନ୍ମ ଗ୍ରହଣ କରିଥିଲି । ମୁଁ ଆମ ପରିବାରର ପ୍ରଥମ ପୁତ୍ର ସନ୍ତାନ ହୋଇଥିବାରୁ, ମୋର ପିତାମାତା, ସାଆନ୍ତ ବାପା ଓ ମା' ଓ ପରିବାରର ଅନ୍ୟ ସଦସ୍ୟମାନେ ଏହା ଚାହୁଁଥିଲେ ଯେପରି ମୁଁ ଜଣେ ଖ୍ରୀଷ୍ଟିଆନ ଯାଜକ ହେବି । ସେଥିପାଇଁ ସେମାନେ ମୋତେ ପ୍ରାର୍ଥନାରେ ଓ ବାଇବଲର ଜ୍ଞାନରେ ବଢ଼ାଇ ଥିଲେ ।



ମୁଁ ମଣ୍ଡଳୀରେ ପିଲାମାନଙ୍କ ପାଇଁ ପରିଚାଳିତ ହେଉଥିବା ସଣ୍ଡେସ୍କୁଲରେ ଯୋଗ ଦେଇଥିଲି । ଆମ ଗୀର୍ଜାଗୃହ ଧାନ କ୍ଷେତ ମଝିରେ ଥିଲା ଓ ସେଠାକୁ ଯିବା ପାଇଁ ଭଲ ରାସ୍ତା ନ ଥିଲା । ସେଥିପାଇଁ ମୋର ମାମୁଁ ମାନେ ରବିବାର ଓ ଅନ୍ୟ ଦିନଗୁଡ଼ିକରେ ମୋତେ ସେମାନଙ୍କ ସ୍କନ୍ଧରେ ବସାଇ ଗୀର୍ଜାକୁ ନେଇ ଯାଉଥିଲେ । ମୋର ମା' ଓ ମାଉସୀ ସର୍ବଦା ମୋ' ପାଖେ ପାଖେ ଥିଲେ ।

ସଣ୍ଡେସ୍କୁଲର ଶିକ୍ଷକମାନେ, ଯଥା ରେଭ. ଏଲିଆସ, ବେବୀ, ତେଜୀ, ଭଉଣୀ, ରେଥନାମ୍, ଜ୍ଞାନସେଲ୍‌ଭାମ୍ ଓ ଗ୍ରେସ୍ ମୋର ବାଲ୍ୟକାଳରେ ମୋତେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନିକଟକୁ କଢ଼ାଇ ନେଇଥିଲେ । ମୁଁ ଗୋଟିଏ ସାଧାରଣ ରୋଗିଣା ପିଲା ଥିଲି । ସେଥିପାଇଁ ମୋର ଶିକ୍ଷକମାନେ ମୋତେ ଅତ୍ୟଧିକ ପ୍ରେମ କରୁଥିଲେ । ମୋର ମା' ସର୍ବାନ୍ତଃକରଣ ସହିତ ଏହା ବିଶ୍ୱାସ କରୁଥିଲେ ଯେ ସେ ଜଣେ ଭବିଷ୍ୟତ୍‌ର ଈଶ୍ୱରଙ୍କ ସେବକଙ୍କୁ ପ୍ରତିପାଳନ କରୁଛନ୍ତି । ସେ ଈଶ୍ୱରଙ୍କର ଜଣେ ସେବକ ଭାବରେ ମୋ' ପ୍ରତି ଅତିରିକ୍ତ ଯତ୍ନ ପ୍ରଦର୍ଶନ କରିଥିଲେ । ସେଥିପାଇଁ ମଣ୍ଡଳୀର ପ୍ରଭାତକାଳୀନ, ମଧ୍ୟାହ୍ନକାଳୀନ ଓ ସନ୍ଧ୍ୟାକାଳୀନ ଉପାସନାରେ ମୁଁ ଯେପରି ଯୋଗ ଦେବି, ଏହି ବିଷୟକୁ ସେ ସୁନିଶ୍ଚିତ କରୁଥିଲେ ।

ମୋର ମା' ମୋତେ ତାଙ୍କ ପାଖରେ ବସାଉଥିଲେ, ଗୀତ ଗାଇବା ପାଇଁ ମୋତେ ଉତ୍ସାହିତ କରୁଥିଲେ ଓ ମନଯୋଗର ସହିତ ଈଶ୍ୱରଙ୍କ ବାକ୍ୟ ଶୁଣିବା ପାଇଁ କହୁଥିଲେ । ସେହି ସମୟରେ ରେଭ୍.ଆଇ.ଆର୍,ଏଚ୍ ନେୟୁରର ମୁଖ୍ୟ ଉପାସନାଳୟ ମୁଖ୍ୟ ପାଳକ ଥିଲେ । ସେ ମୋତେ ଉତ୍ସର୍ଗ କରି ମୋର ନାମ ସାମ୍ ସେଲ୍‌ଭା ରାଜ୍ ରଖିଥିଲେ । ସେ ମୋତେ ଏହା କହି ଆଶୀର୍ବାଦ କରିଥିଲେ, “ଏହି ପିଲା ଶାମୁୟେଲଙ୍କ ଭଳି ବୃଦ୍ଧି ପାଇବ । ସେ ଜଣେ ଧନୀ ବ୍ୟକ୍ତି ଓ ଈଶ୍ୱରଙ୍କର ଜଣେ ମୁଖ୍ୟ ସେବକ ମଧ୍ୟ ହେବ ।”

ସେହି ଦିନ ଗୁଡ଼ିକରେ, ବଡ଼ଦିନ ସମୟରେ ମୋର ପିତାମାତା ଓ ମୁଁ ଅତି ଖୁସି ହେଉଥିଲୁ । ପ୍ରତି ବର୍ଷ ପିଲାମାନେ ବାଇବଲ ପଦମୁଖସ୍ଥ କରି ଆବୃତ୍ତି କରୁଥିଲେ ଓ ପୁରସ୍କାର ପାଉଥିଲେ । ୧୯୫୨ରେ, ମୁଁ ଯେଉଁ ପଦ ମୁଖସ୍ଥ କରି କହିଥିଲି, ତାହା ଥିଲା, “ପୁଣି, ଅକସ୍ମାତ୍ ସେହି ଦୂତଙ୍କ ସାଙ୍ଗରେ ସ୍ୱର୍ଗୀୟ ବାହିନୀର ଗୋଟିଏ ବୃହତ୍ ଦଳ ଉପସ୍ଥିତ ହୋଇ ଈଶ୍ୱରଙ୍କ ସ୍ତବଗାନ କରୁ କରୁ କହିଲେ ...” (ଲୂକ ୨:୧୩) ।

୧୯୫୬ରେ, ଯେତେବେଳେ ମୁଁ ୭ ବର୍ଷ ବୟସର ଥିଲି, ସେତେବେଳେ ଆମର ପାଳକ ସମ୍ମାନୀୟ ଦେବଦାସଙ୍କ ଦ୍ୱାରା ପ୍ରଚାରିତ ଈଶ୍ୱରଙ୍କ ବାକ୍ୟ ଶୁଣୁଥିଲି । ସେହି ସମୟରେ, ପବିତ୍ର ଆତ୍ମା ମୋ' ନିକଟରେ ନିଜକୁ ଶକ୍ତିଶାଳୀ ଭାବରେ ପ୍ରକାଶ କରିଥିଲେ । ଈଶ୍ୱର ଯେ ମୋତେ ପ୍ରେମ କରନ୍ତି, ପ୍ରଭୁଙ୍କର ଏହି ସ୍ପଷ୍ଟ ବାର୍ତ୍ତା ମୁଁ ଶୁଣି ପାରିଥିଲି । ମୋ' ଉପରେ ତାଙ୍କର ପ୍ରଭାବ ଏତେ ବଳିଷ୍ଠ ଥିଲା ଯେ ମୁଁ ଉଚ୍ଚ ସ୍ୱରରେ କାନ୍ଦିବା ଆରମ୍ଭ କରିଥିଲି । ମୁଁ ମୋ' ନିଜ ମଧ୍ୟରେ ଈଶ୍ୱରଙ୍କ ଆଗମନର ଉପସ୍ଥିତିକୁ ସ୍ପଷ୍ଟ ଭାବରେ ଅନୁଭବ କରିପାରିଥିଲି । ମୋର ମା' ମୋତେ ତୀକ୍ଷ୍ଣ ଭାବରେ ଲକ୍ଷ୍ୟ କରୁଥିଲେ ।

ଉପାସନା ପରେ, ମୁଁ ମୋର ମା'ଙ୍କୁ ପଚାରୁଥିଲି, “ମା', ପାଳକ କ'ଣ ସ୍ୱର୍ଗକୁ ଯାଇ ଯୀଶୁଙ୍କୁ ଦେଖିବେ ?” ମୋର ମା' ଉତ୍ତର ଦେଇଥିଲେ, “ହଁ, ପୁଅ ।” ମୁଁ ସଙ୍ଗେ ସଙ୍ଗେ କହିଥିଲି, “ମୁଁ ମଧ୍ୟ ସ୍ୱର୍ଗକୁ ଯିବାକୁ ଚାହୁଁଛି ଓ ସେଠାରେ ଯୀଶୁଙ୍କୁ ଦେଖିବାକୁ ଇଚ୍ଛା କରୁଛି । ଏହା କ'ଣ ସମ୍ଭବ ଅଟେ ?” ମୋର ମା' କହିଥିଲେ, “ଯଦି ତୁମେ ଏହି ଜଗତରେ ରହି ତୁମ ହୃଦୟରେ ଯୀଶୁଙ୍କୁ ବିଶ୍ୱାସ କରିବ ଓ ମୁଖରେ ସ୍ୱୀକାର କରିବ, ତେବେ ତୁମର ଇଚ୍ଛା ନିଶ୍ଚୟ ସଫଳ ହେବ ।” ଏହିପରି ଭାବରେ, ମୋର ମା' ମୋ' ହୃଦୟ ମଧ୍ୟରେ ପ୍ରଭୁ ଯୀଶୁଙ୍କୁ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବାରେ ମୋତେ ସାହାଯ୍ୟ କରିଥିଲେ । ସେହି ଦିନଠାରୁ, ମୁଁ ମୋ' ଭିତରେ କାର୍ଯ୍ୟ କରୁଥିବା ଗୋଟିଏ ଭିନ୍ନ ଆତ୍ମାଙ୍କୁ ଅନୁଭବ କରିବା ସଙ୍ଗେ ସଙ୍ଗେ ଈଶ୍ୱରଙ୍କ ଉପସ୍ଥିତିକୁ ମଧ୍ୟ ସର୍ବଦା ଅନୁଭବ କରି ପାରୁଥିଲି ।

ମୋତେ କାନ୍ନାତୁଭିଲାଇର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ (ଗ୍ରେଡ୍)ରେ ଭର୍ତ୍ତି କରାଇ ଦିଆଯାଇଥିଲା ଓ ସେଠାରେ ମୋର ପ୍ରଥମ ଭାଷା ତାମିଲ ଥିଲା । ମୋର ସାଆନ୍ତ ମା' ମୋତେ ପ୍ରତିଦିନ ସୁରକ୍ଷିତ ଭାବରେ ସ୍କୁଲକୁ ନେବା ଆଣିବା କରୁଥିଲେ । ମୁଁ ସ୍କୁଲକୁ ଯିବା ପୂର୍ବରୁ ମୋର ମା' ମୋର ମୁଣ୍ଡ ଉପରେ ତାଙ୍କର ଡାହାଣ ହାତ ରଖି ପ୍ରାର୍ଥନା କରୁଥିଲେ, “ପ୍ରିୟ ଈଶ୍ୱର, ମୋ' ପୁଅ ଆଜି ଶ୍ରେଣୀରେ ଯାହା ଶିକ୍ଷା କରିବ, ତାହା ନିଶ୍ଚୟ ଆପଣଙ୍କ ରାଜ୍ୟର ଭବିଷ୍ୟତ୍ ସଂପ୍ରସାରଣ ପାଇଁ ଉପକାରୀ ହେବ ।”

ଭବିଷ୍ୟତ୍‌ରେ, ମୁଁ ଦିନେ ଈଶ୍ୱରଙ୍କର ଗୋଟିଏ ସେବକ ହେବି ବୋଲି ସ୍କୁଲର ଶିକ୍ଷକମାନେ ମଧ୍ୟ ବିଶ୍ୱାସ କରୁଥିଲେ । ସେଥିପାଇଁ, ସେମାନେ ମୋତେ ପ୍ରେମ କରୁଥିଲେ ଓ ମୋତେ ସର୍ବୋତ୍ତମ ଶିକ୍ଷା ପ୍ରଦାନ କରୁଥିଲେ । ମାତ୍ର ସେତେବେଳେ ମୁଁ ଗୋଟିଏ ଦୁଷ୍ଟ ବାଳକ ଥିଲି । ସେହି ଗ୍ରାମ୍ୟ ବିଦ୍ୟାଳୟରେ ମୋର ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଆମକୁ ଇଂରାଜୀ ଭାଷା ଶିକ୍ଷା ଦିଆଯାଉ ନ ଥିଲା ।

୧୯୫୭ରେ, ଆମ ସଣ୍ଡେସ୍କୁଲର ମୁଖ୍ୟ ଶିକ୍ଷୟିତ୍ରୀ ରେଥ୍‌ନା ମୋତେ ଜଣାଇଥିଲେ ଯେ ମୋର ନାମକୁ ବାଇବଲ ପଦ ମୁଖସ୍ଥ ପ୍ରତିଦ୍ୱନ୍ଦିତାରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ । ସେ କହିଥିଲେ, ‘‘ଯଦି ଈଶ୍ୱର ଇଚ୍ଛା କରିବେ, ତେବେ ତୁମେ ଆସନ୍ତା ବର୍ଷ ଗୋଟିଏ ସୁଯୋଗ ପାଇବ ।’’

ମୋର ହୃଦୟ ଭଗ୍ନ ହୋଇଥିଲା ଓ ମୁଁ କାନ୍ଦି କାନ୍ଦି ଏ କଥା ମୋର ମା’ଙ୍କୁ କହିଥିଲି । ମୋର ମା’ ମୋତେ ଏହି ପରାମର୍ଶ ଦେଇଥିଲେ, ‘‘ଆସନ୍ତା ଗୁରୁବାର, ଶୁକ୍ରବାର ଓ ଶନିବାର ଦିନ ତୁମର ରାତ୍ରିର ଖାଦ୍ୟ କମାଇ ଦିଅ ଓ ଆମର ପିତା ପରମେଶ୍ୱର ଓ ଯୀଶୁଙ୍କ ନିକଟରେ ଆଣ୍ଠୁପାତି, ଠିକ୍ ସେହି କଥା ତାଙ୍କୁ କୁହ ଯାହା ବର୍ତ୍ତମାନ ତୁମେ ମୋତେ କହିଲ ।’’ ସେ ମୋତେ ଦୁଇଟି ଗୀତ ମଧ୍ୟ ଶିକ୍ଷା ଦେଇଥିଲେ ।

***(୧) ‘‘ଯେଉଁ ପିଲା ଈଶ୍ୱରଙ୍କୁ ପ୍ରେମ କରେ, ସେ ବିପଦରେ ଭୟ କରେ ନାହିଁ । ଠିକ୍ ଯେପରି ଗୋଟିଏ ପଞ୍ଜୁରୀ ଭିତରେ ଗୋଟିଏ ପକ୍ଷୀ ସୁରକ୍ଷିତ ଥାଏ, ସେହିପରି ଯୀଶୁ ତୁମକୁ ତାଙ୍କ ସେବା ପାଇଁ ସୁରକ୍ଷିତ ରଖିବେ...’’ ।***

***(୨) ‘‘ମୋର ପ୍ରାଣର ପ୍ରିୟ ପାଳକ ! ମୋ’ ହୃଦୟର ଆନନ୍ଦ ! ତୁମର ନିକଟବର୍ତ୍ତୀ ହେବା ପାଇଁ ମୁଁ ଆଗ୍ରହର ସହିତ ଆଗକୁ ଆସିଛି ।’’***

***ଘୋଷା ♫♫***

***ମୁଁ ପ୍ରାର୍ଥନା କରିବା ସମୟରେ କଥା କୁହ, କଥା କୁହ, ତୁମର ଇଚ୍ଛା ମୋତେ ଦେଖାଅ, ସେହି ଅନୁସାରେ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ କର ।***

***(୧) ଯେଉଁମାନେ ପ୍ରକୃତ ଉଦ୍ଧାରକର୍ତ୍ତାଙ୍କ ଆଜ୍ଞା ପାଳନ କରନ୍ତି ଓ ସେମାନଙ୍କ ପ୍ରାଣ ନିମନ୍ତେ ଏକ ସାନ୍ତ୍ୱନାର ସ୍ଥାନ ରଖନ୍ତି । ସେହି ସ୍ଥାନ ମୋତେ ମଧ୍ୟ ପାଇବାକୁ ଦିଅ, ମୋର ପ୍ରେମ, ମୋର ପ୍ରାର୍ଥନା ଶୁଣ***

***– କଥା କୁହ ।***

***(୨) ପାପୀମାନଙ୍କ ପ୍ରତି ତୁମର ପ୍ରେମ ।***

***ମୋର ସ୍ୱଭାବ ମାଧ୍ୟମରେ ମୋତେ ପ୍ରକାଶ କରିବାକୁ ଦିଅ ।***

***କାଲଭରୀର ଆତ୍ମା ଦ୍ୱାରା ମୋତେ ଅଭିଷିକ୍ତ କର, ଯେପରି ମୁଁ ମୋ’ ଯୁଦ୍ଧକୁ ଜିତିବି ।***

***– କଥା କୁହ ।***

***(୩) ମୋ’ ଜୀବନର ସମସ୍ତ ଦିନ***

***ମୁଁ ସେହି ପଥ ଉପରେ ଚାଲିବି, ଯେଉଁ ପଥରେ ତୁମେ ଚାଲିଥିଲ । ମୁଁ ମୋର ସବୁ କିଛି ସ୍ୱେଚ୍ଛାରେ ଦେବି, ହେ ଉଦ୍ଧାରକର୍ତ୍ତା, ମୋତେ ତୁମର ଶକ୍ତି ଦିଅ’’***

***– କଥା କୁହ ।***

ମୁଁ ଏହି ତିନି ଦିନ ଧରି ଏହି ଗୀତଗୁଡ଼ିକୁ ଗାଇବାରେ ଲାଗିଥିଲି ଓ ବଡ଼ଦିନ ସମୟରେ ମୁଁ ଯେପରି ବାଇବଲ ପଦ କହିବା ପାଇଁ ସୁଯୋଗ ପାଇବି, ଏଥି ନିମନ୍ତେ ପ୍ରାର୍ଥନା କରୁଥିଲି ।

ପ୍ରଥମ ଥର ପାଇଁ, ମୋର ସଦାପ୍ରଭୁ ପରମେଶ୍ୱର ମୋ’ ପ୍ରାର୍ଥନାର ଉତ୍ତର ଦେଇଥିଲେ । ସେହି ରବିବାର ପ୍ରାତଃକାଳୀନ ଉପାସନା ପାଇଁ ମୋର ପରିବାର ଗୀର୍ଜ୍ଜାକୁ ଯାଉଥିଲେ ଓ ଆମର ପାଳକ ଆମକୁ ପଥ ମଧ୍ୟରେ ସାକ୍ଷାତ୍ କରିଥିଲେ। ସେହି ସମୟରେ, ସେ ହଠାତ୍ ମୋ’ ଆଡ଼କୁ ଚାହିଁ କହିଥିଲେ, ‘‘ଏହି ବଡ଼ଦିନ ପାଇଁ ସେମାନେ ତୁମକୁ କେଉଁ ପଦ କିମ୍ବା ଗୀତ ଦେଇଛନ୍ତି ?’’ ମୋର ମା’ କହିଥିଲେ, ‘‘କିଛି ଦେଇ ନାହାନ୍ତି ।’’

ପାଳକ ମୋତେ କହିଥିଲେ, ‘‘ଅନ୍ୟ ପିଲାମାନେ କେବଳ ଗୋଟିଏ ଗୋଟିଏ ପଦ କହିବେ । ମାତ୍ର ତୁମେ ସମଗ୍ର ଗୀତସଂହିତା ୨୩ ଅଧ୍ୟାୟ କହିବ ।’’ ମୁଁ ଗୀତସଂହିତା ୨୩ର ସମସ୍ତ ୬ଟି ପଦ ଶିକ୍ଷା କରିଥିଲି ଓ ଉପାସନାରେ ଗୋଟିଏ ସୁଦ୍ଧା ଭୁଲ୍ ନ କରି ତାହାକୁ ଆବୃତ୍ତି କରିଥିଲି । ସେଥିପାଇଁ, ସେମାନେ ମୋତେ ପ୍ରଥମ ପୁରସ୍କାର ପାଇଁ ମନୋନୀତ କରିଥିଲେ ଓ ଗୋଟିଏ ସୁନ୍ଦର ସାବୁନ ଡ଼ବା ଉପହାର ଦେଇଥିଲେ ।



ଏହି ଘଟଣା ଯୀଶୁଙ୍କ ପ୍ରତି ମୋ’ଠାରେ ବଡ଼ ଆନନ୍ଦ ଓ ସାହସ ପ୍ରଦାନ କରିଥିଲା । ମୋ’ ମନରେ ବଡ଼ ବିଶ୍ୱାସ ଓ ପ୍ରାର୍ଥନାରେ ବଡ଼ ବିଶ୍ୱାସ ଜାଗ୍ରତ ହୋଇଥିଲା ।

‘‘ଆମ୍ଭ ନିକଟରେ ପ୍ରାର୍ଥନା କର...’’ (ଯିରିମିୟ ୩୩:୩) ମୋର ଚାଳନାରେ ପରିଣତ ହୋଇଥିଲା । ସେହି ଦିନଠାରୁ, ମୁଁ ପ୍ରାର୍ଥନାରେ ଈଶ୍ୱରଙ୍କ ସହିତ ସଂପର୍କ ରଖିବା ଆରମ୍ଭ କରିଥିଲି ।

*************

**Echo of His Call - YouTube**

Kindly view and subscribe our **Echo of His Call YouTube Channel** when you get time. Thanks. – Editor

(୭ମ ପୃଷ୍ଠାର ଅବଶିଷ୍ଟାଂଶ)

ଦ୍ରାକ୍ଷାଲତା ଇସ୍ରାଏଲୀୟମାନଙ୍କ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଅଟେ । ଏଥିରେ ବହୁ ଶ୍ରମିକ ନିୟୋଜିତ ହୁଅନ୍ତି । ବହୁ ସଂଖ୍ୟାରେ ଲୋକ ଅନ୍ତର୍ଭୁକ୍ତ ହୁଅନ୍ତି । ଦ୍ରାକ୍ଷାରସକୁ ବିବାହରେ ଓ ଅନ୍ୟ ପାରିବାରିକ କାର୍ଯ୍ୟରେ ବ୍ୟାପକଭାବରେ ବ୍ୟବହାର କରାଯାଏ ।

ଡିମ୍ବିରି ବୃକ୍ଷ ଗୋଟିଏ ଉଚ୍ଚ ବୃକ୍ଷ ଓ ଏହା ସବୁ ଦିଗକୁ ଶାଖାଗୁଡ଼ିକୁ ସଂପ୍ରସାରିତ କରିଥାଏ । ଏହା ଇସ୍ରାଏଲରେ ବହୁଳଭାବରେ ବୃଦ୍ଧିପାଏ । ଭାରତରେ ମଧ୍ୟ ଏହା ଦେଖିବାକୁ ମିଳେ । ଏହାକୁ ଖାଦ୍ୟ ଭାବରେ ଓ ଔଷଧ ପ୍ରସ୍ତୁତିରେ ବ୍ୟବହାର କରାଯାଏ । ଏହା ଏକ ଋତୁକାଳୀନ ଫଳଦାୟୀ ବୃକ୍ଷ ଅଟେ । ଦିନେ ଯୀଶୁ ଓ ତାଙ୍କର ଶିଷ୍ୟମାନେ ବେଥାନୀକୁ ଯାଇଥିଲେ । ଯୀଶୁ କ୍ଷୁଧିତ ଥିଲେ । ସେ ଗୋଟିଏ ପତ୍ରଭରା ଡିମ୍ବିରି ବୃକ୍ଷକୁ ଦେଖିଲେ ସେଥିରୁ ଫଳ ଖୋଜିଲେ, ମାତ୍ର ଫଳ ପାଇଲେ ନାହିଁ । ଯୀଶୁ ଡିମ୍ବିରି ବୃକ୍ଷକୁ ଅଭିଶାପ ଦେଇ କହିଥିଲେ, ‘‘ତୋ’ଠାରୁ କେହି କେବେ ଫଳ ନ ଖାଆନ୍ତୁ’’ (ମାର୍କ ୧୧:୧୨–୧୪) ।

ଦ୍ରାକ୍ଷା କ୍ଷେତ୍ରରେ ଥିବା ‘‘ଡିମ୍ବିରି ବୃକ୍ଷ’’ ଯିହୁଦୀମାନଙ୍କ ସହିତ ସଂଯୁକ୍ତ ହୋଇଥିବା ବିଜାତିମାନଙ୍କର ପ୍ରତୀକ ଅଟେ । ପରିତ୍ରାଣ ଯିହୁଦୀମାନଙ୍କଠାରୁ ଆସେ, ଈଶ୍ୱର ନିଜର ପ୍ରଚୁର ଅନୁଗ୍ରହରେ ଏହାକୁ ବିଜାତିମାନଙ୍କ ପ୍ରତି ସଂପ୍ରସାରିତ କରିଛନ୍ତି ।

ବିଜାତିମାନେ ଅଗ୍ନି ମଧ୍ୟରେ ଯେପରି ପତିତ ହେବେ ନାହିଁ, ଏଥିପାଇଁ ସୁଯୋଗକୁ ବ୍ୟବହାର କରି ଫଳ ଉତ୍ପନ୍ନ କରିବା ଉଚିତ୍ ।

ଜୀତ ଏକ ଲାଭଦାୟୀ ଫସଲ । ଏହା ଇସ୍ରାଏଲରେ ବହୁଳ ଭାବରେ ଚାଷ କରାଯାଏ । ଏହା ରନ୍ଧନ କାର୍ଯ୍ୟ, ଆଲୋକ ପ୍ରଜ୍ୱଳିତ କରିବା ଓ ଅନ୍ୟ ଔଷଧ ପ୍ରସ୍ତୁତି କାର୍ଯ୍ୟରେ ବ୍ୟବହୃତ ହୁଏ । ଏହାକୁ ମୁଖରେ ନିରନ୍ତର ପ୍ରୟୋଗ କଲେ, ଏହା ତ୍ୱଚାକୁ ଉଜ୍ଜ୍ୱଳ କରିଦିଏ ।

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23

‘‘ପୁଣି ମନୁଷ୍ୟର ଚିତ୍ତ ଆନନ୍ଦକାରୀ ଦ୍ରାକ୍ଷାରସ, ମୁଖ–ଚିକ୍‌କଣକାରୀ ତୈଳ ଓ ମନୁଷ୍ୟର ହୃଦୟ ସବଳକାରୀ ଭକ୍ଷ୍ୟ ଉତ୍ପନ୍ନ କରନ୍ତି’’ (ଗୀତ ୧୦୪:୧୫) ।

ଆସନ୍ତୁ, ଆମେ ଦ୍ରାକ୍ଷା, ଡିମ୍ବୁରି ଓ ଜୀତ ଭଳି ଦେଶ ପ୍ରତି ଉପଯୋଗୀ ହେବା ଓ ଏହାଠାରୁ ଅଧିକ ଆମର ଉଦ୍ଧାରକର୍ତ୍ତା ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ଗୌରବ ଆଣିବା । ହାଲ୍ଲେଲୁୟା ।

★★★

## OUR BANK DETAILS:

### *1. Bank : State Bank of India*

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

### *2. Bank : ICICI Bank*

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

### *3. Bank : State Bank of India*

**(This Account is for Tax Exemption for Indians only )**

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

**Google Pay: 98410 71858**
**PayPal : SAM SELVA RAJ**
*****
**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

**୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।**

**ବାର୍ଷିକ ଦେୟ – ଟ. ୧୦୦/–** **ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ ‘ଆହ୍ୱାନର ପ୍ରତିଧ୍ୱନି’ ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ‘‘ଆହ୍ୱାନର ପ୍ରତିଧ୍ୱନି’’ ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ‘‘ଆହ୍ୱାନର ପ୍ରତିଧ୍ୱନି’’ ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ‘‘ଆହ୍ୱାନର ପ୍ରତିଧ୍ୱନି’’ କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ–ମେଲ ଠିକଣା ଜଣାନ୍ତୁ ।

**ଆମର ଠିକଣା :**

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATIONS BY ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/21-23**
**Licence No. WPP. No. TN/PMG(CCR)/WPP-265/21-23**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th MARCH 2022.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

*JESUS LOVES YOU!*

**To**

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No. 18 & 19, Mohammed Abdullah 2nd Street, Chepauk, Chennai-600 005 and printed by him at **Echo of His Call Printers**, New No. 8 & 10, Old No. 18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**